بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୨

**ସମ୍ପାଦକ:**

କମୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍

Weekly BADAR Qadian

କାଦିଆନ

Odia

ସଂଖ୍ୟା: 28

ବାର୍ଷିକ ଦେୟ : 600/-

www.akhbarbadr.in

28 ଜୁଲ୍ ହଜ୍ଜା 1445 ହି.କ, 11 ୱଫା 1403 ହି.ଶ, 11 July-2024 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

يَآ اَيُّهَا الَّذِيْنَ اٰمَنُوْٓا اٰمِنُوْا بِاللّٰهِ وَرَسُوْلِهٖ وَالْكِتٰبِ الَّذِيْ نَزَّلَ عَلٰى رَسُوْلِهٖ وَالْكِتٰبِ الَّذِيْٓ اَنْزَلَ مِنْ قَبْلُ

(ଅନ୍ ନିସା: 137)

**ଅନୁବାଦ:** ହେ ବିଶ୍ୱାସକାରୀମାନେ ! ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ଉପରେ ଓ ତାହାଙ୍କ ରସୁଲଙ୍କ ଉପରେ ଯେଉଁ ଧର୍ମଗ୍ରନ୍ଥ ଅବତୀର୍ଣ୍ଣ ହୋଇଛି ଏବଂ ଏହାଙ୍କୁ ପୂର୍ବରୁ ଯେଉଁ ଧର୍ମ ଗ୍ରନ୍ଥ ଅବତୀର୍ଣ୍ଣ ହୋଇଥିଲା ସେମାନଙ୍କୁ ଉପେ ମଧ୍ୟ ବିଶ୍ୱାସ ସ୍ଥାପନ କର ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**(1382)** ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଜଣୈକା ଇହୁଦୀ ମହିଳା ତାଙ୍କ ନିକଟକୁ ଆସିଲା ଏବଂ ସେ କବରର ଶାସ୍ତି ସଂକ୍ରାନ୍ତରେ ତାଙ୍କ ଆଗରେ ଚର୍ଚ୍ଚା କଲା, ସେହି ମହିଳା ଜଣକ ହ. ଆଏଶା ର.ଅଙ୍କୁ କହିଲା, ହେ ଆଏଶା ! ଅଲ୍ଲାଃତାଲା ତୋତେ କବରର ଶାସ୍ତିକୁ ସୁରକ୍ଷିତ ରଖନ୍ତୁ । ହ. ଆଏଶା ର.ଅ ଆଁହଜରତ ସ.ଅଙ୍କୁ କବରର ଶାସ୍ତି ସଂକ୍ରାନ୍ତରେ ପ୍ରଶ୍ନ କଲେ, ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହଁ କବରର ଶାସ୍ତି ଅବଶ୍ୟ ହେବ । ହ. ଆଏଶା ର.ଅ କହିଲେ, ଏହାପରେ ମୁଁ ଆଁହଜରତ ସ.ଅଙ୍କୁ କେବେ ଦେଖି ନାହିଁ ଯେ, ଆପଣ ସ.ଅ କୌଣସି ନମାଜରେ ବି କବରର ଶାସ୍ତିରୁ ରକ୍ଷା ପାଇବା ନିମନ୍ତେ ଈଶ୍ୱରଙ୍କ ନିକଟରେ ଶରଣ ଭିକ୍ଷା ପାଇଁ ପ୍ରାର୍ଥନା କରି ନଥିବେ । ଗନ୍ଦର୍ ନିଜ ବର୍ଣ୍ଣନାରେ ଏତିକି ଅତିରିକ୍ତ ଚର୍ଚ୍ଚା କରିଛନ୍ତି: କବରର ଶାସ୍ତି ଶାସ୍ୱତ ଅଟେ । **(ସହି ବୁଖାରୀ, ଭାଗ-2, କିତାବୁଲ୍ ଯନାଏଜ୍, ପ୍ରକାଶନ ସ୍ଥାନ-2006 ମସିହା, ସ୍ଥାନ- କାଦିଆନ୍)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆମେମାନେ ଦେବଦୂତମାନଙ୍କ ଉପରେ, ଈଶ୍ୱରଙ୍କ ଉପରେ, ରସୁଲୁଲ୍ଲାଃ ସ.ଅଙ୍କ ଆହାଦିସ୍ ଉପରେ, ସ୍ୱର୍ଗ ନର୍କ ଉପରେ, କବରର ଶାସ୍ତି ଉପରେ, ବିଚାର ଦିବସ ଉପରେ, ଭାଗ୍ୟବାଦ ଉପରେ ସତ୍ୟ ହୃଦୟର ସହିତ ବିଶ୍ୱାସ ଆଣିଥାଉ । ଆମେମାନେ ଏପରି ପ୍ରସଙ୍ଗକୁ ପ୍ରଭୁଙ୍କ ଉପରେ ଛାଡ଼ି ଦେଇଥାଉ । କାରଣ ସତର୍କତା ଅବଲମ୍ବନକାରୀ ଧର୍ମ ହେଉଛି ସେହି ଧର୍ମ ଯେ, ମନୁଷ୍ୟ ସଂକ୍ଷିପ୍ତ ରୂପେ ଉପରୋକ୍ତ ପ୍ରସଙ୍ଗ ଉପରେ ବିଶ୍ୱାସ ଆଣୁ ଓ ବ୍ୟାଖ୍ୟା ବିସ୍ତୃତାକୁ ପ୍ରଭୁଙ୍କ ଉପରେ ଛାଡ଼ିଦେଉ।" **(ମଲ୍‌ଫୁଜାତ୍, ଭାଗ-5, ପୃ-134, ପ୍ରକାଶନ ସ୍ଥାନ- କାଦିଆନ୍, ସଂସ୍କରଣ ବର୍ଷ-2003 ମସିହା)**

ଉପରୋକ୍ତ ଆହଦିସ୍‌କୁ ପ୍ରକାଶ୍ୟରେ ଚରିତାର୍ଥ କରାଯାଇପାରିବ ନାହିଁ । ଅତଏବ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "କବରର ଶାସ୍ତି ସଂକ୍ରାନ୍ତରେ ହଦିସ"ମାନଙ୍କରେ ବହୁଳ ରୂପେ ଏହି ବର୍ଣ୍ଣନା ମିଳେ ଯେ, ଯେଉଁ ବ୍ୟକ୍ତି ପାପୀ ହୋଇଥିବ ସେହି ବ୍ୟକ୍ତି ନିମନ୍ତେ କବରରେ ବିଛା, ସର୍ପ ଏବଂ ଅଗ୍ନି ନିୟତିକୃତ ଅଟେ । ସୁତରାଂ ସେହି ଉପରୋକ୍ତ ହଦିସ୍‌କୁ ପ୍ରକାଶ୍ୟ ଉପରେ ଚରିତାର୍ଥ କରିବେ ତାହାହେଲେ ଏପରି କେତେକ କବର ଖୋଳନ୍ତୁ ଏବଂ ତହିଁରେ ସର୍ପ ଏବଂ ବିଛା ଦେଖାନ୍ତୁ ଯେ, ସେହି କବରମାନଙ୍କର ସର୍ପ, ବିଛା ଓ ଅଗ୍ନି ଅଛି ।" **(ଇଜାଲା ଅଉହାମ୍, ରୁହାନୀ ଖଜାଏନ୍, ଭାଗ-3,ପୃ-316)** ☆☆☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**କାଗଜର କ'ଣଟା ପ୍ରଭାବ ରହିଛି ? ଦିନେ ନା ଦିନେ ଏମିତି ଏକ ସମୟ ଆସିବ ଯେ, ସେହି କାଗଜଟି ଅବକ୍ଷୟ ଏବଂ ନଷ୍ଟ ହୋଇଯିବ । କିନ୍ତୁ ଆକାଶ ଲୋକରେ ଯାହାକିଛି ଲେଖାଯାଏ ତାହା କେବେ ଲିଭି ପାରିବ ନାହିଁ । ସେହି ଲେଖାର ପ୍ରଭାବ ଚିରକାଳ ପର୍ଯ୍ୟନ୍ତ ହୋଇଥାଏ ।**

ଯଦି କୌଣସି ବ୍ୟକ୍ତି ଏହି ଉଦ୍ଦେଶ୍ୟ ରଖି ଚାନ୍ଦା ଦେଇଥାଏ ଅବା ଆମମାନଙ୍କର ଧାର୍ମିକ ଆବଶ୍ୟକତାରେ ଏଇଥି ପାଇଁ ସାମିଲ୍ ହୋଇଥାଏ ଯେ, ତା'ର ନାମ ପ୍ରକାଶ କରାଯାଉ । ତେବେ ନିଃସନ୍ଦେହ ରୂପେ ତୁମେ ଜାଣିରଖ ଯେ, ସେହି ବ୍ୟକ୍ତି ସାଂସାରିକ ଖ୍ୟାତି ତଥା ସାଂସାରିକ ଯଶ ପ୍ରଦର୍ଶନର ଅଭିଳାଷୀ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ସେହି ମାର୍ଗରେ ପାଦ ରଖେ ଓ ଧର୍ମ ସେବା ନିମନ୍ତେ ଅଣ୍ଟା ଭିଡ଼େ ତେବେ ତା'କୁ ପ୍ରସିଦ୍ଧି ଏବଂ ଖ୍ୟାତି ଓ ଯଶର କିଛି ଆବଶ୍ୟକତା ନାହିଁ । ସାଂସାରିକ ନାମ, ଖ୍ୟାତି ଅର୍ଜନ କରିବାର କୌଣସି ପ୍ରୟୋଜନୀତା ନାହିଁ ଏବଂ ସାଂସାରିକ ପ୍ରଭାବର କୌଣସି ମୂଲ୍ୟ ନାହିଁ। ସେହି ନାମ ହିଁ ସର୍ବୋତ୍କୃଷ୍ଟ ଯାହାକି ଆକାଶେ ଲୋକରେ ଲେଖା ଯାଇଥାଏ । କାଗଜ ଏବଂ ନଥି ପତ୍ରର କ'ଣଟା ପ୍ରଭାବ ରହିଛି? ଦିନେ ନା ଦିନେ ଏମିତି ଏକ ସମୟ ଆସିବ ତାହା ଅବକ୍ଷୟ ତଥା ନଷ୍ଟ ହୋଇଯିବ । କିନ୍ତୁ ଆକାଶଲୋକରେ ଯାହାକିଛି ଲେଖି ଦିଯାଇଥାଏ ତାହା କେବେ ଲିଭି ପାରିବ ନାହିଁ । ଏହାର ପ୍ରଭାବ ଚିରକାଳ ନିମନ୍ତେ ହୋଇଥାଏ । ମୋର ଏପରି ନୈଷ୍ଠିକ ବନ୍ଧୁମାନେ ଅଛନ୍ତି ଯାହାଙ୍କୁ ତୁମମାନଙ୍କ ମଧ୍ୟରୁ ଖୁବ୍ କ୍ୱୋଚିତ ଲୋକ ଜାଣିଥିବେ । କିନ୍ତୁ ସେମାନେ ସର୍ବଦା ମୋତେ ସାହାଯ୍ୟ ଓ ସମର୍ଥନ ଜଣାଇ ଆସିଛନ୍ତି । ଉଦାହରଣ ସ୍ୱରୂପ ଓ ଦୃଷ୍ଟାନ୍ତ ସ୍ୱରୂପ ମିର୍ଜା ୟୁସୁଫ୍ ବେଗ୍ ସାହେବ୍ ମୋର ଜଣେ ନୈଷ୍ଠିକ ଓ ସତ୍ୟବାଦୀ ବନ୍ଧୁ ଅଟନ୍ତି । ମୁଁ ତାଙ୍କର ଚର୍ଚ୍ଚା ଏଇଥିପାଇଁ କରିଅଛି ଯେ, ଏହି ପ୍ରକାର ଅର୍ଥାତ୍ ତାଙ୍କର ନାମ ଚର୍ଚ୍ଚା କରିବା ଦ୍ୱାରା ଭାଇ ଭାଇମାନଙ୍କ ମଧ୍ୟରେ ପରିଚୟ, ଆନ୍ତରୀକତା ବୃଦ୍ଧି ପାଇଥାଏ ଏବଂ ପ୍ରେମ ଓ ଆନ୍ତରୀକତା (ସଂପର୍କ) ସୃଷ୍ଟି ହୋଇଥାଏ । ମିର୍ଜା ୟୁସୁଫ୍ ସାହେବ ମୋ ସହିତ ସେବେଠାରୁ ସଂପର୍କ ରଖିଛନ୍ତି ଯେତେବେଳେ ମୁଁ ଏକାନ୍ତ ଜୀବନ ଯାପନ କରୁଥିଲି । ମୁଁ ଦେଖୁଛି ଯେ, ତାଙ୍କର ହୃଦୟ ପ୍ରେମ ଏବଂ ନିଷ୍ଠା ଦ୍ୱାରା ପରିପୂର୍ଣ୍ଣ ଅଟେ । ସେ ସର୍ବଦା ଜମାଅତ୍‌ର ସେବା ନିମନ୍ତେ ନିଜ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ରଖିଛନ୍ତି । ଠିକ୍ ସେହିପରି ଆହୁରି ଅନେକ ପ୍ରିୟ ବନ୍ଧୁମାନେ ରହିଛନ୍ତି ଯେଉଁମାନେ ନିଜ ନିଜ ବିଶ୍ୱାସ ଓ ଅଧ୍ୟାତ୍ମ ପରିଚୟ ଅନୁଯାୟୀ ନିଷ୍ଠା ଏବଂ ପ୍ରେମମୂଳକ ଉତ୍ସାହ ଦ୍ୱାରା ପରିପୂର୍ଣ୍ଣ ଅଟନ୍ତି ।

ଯଦିଓ ମୁଁ ଏହା ଜାଣେ ଯେ, ମନୁଷ୍ୟକୁ କର୍ମ ସମ୍ପାଦନ କରିବାର ସାମର୍ଥ୍ୟ ଧୀରେ ଧୀରେ ହିଁ ପ୍ରାପ୍ତ ହୋଇଥାଏ । କିନ୍ତୁ ତହିଁରେ କୌଣସି ସନ୍ଦେହ ଓ ସଂଶୟ ନାହିଁ ଯେ, ଯେପରି ବିଶ୍ୱାସ ସୁଦୃଢ ହୋଇଥାଏ, ଠିକ୍ ସେହିପରି କର୍ମ ସମ୍ପାଦନ କରିବା ନିମନ୍ତେ ମଧ୍ୟ ଶକ୍ତି ଓ ସାମର୍ଥ୍ୟତା ପ୍ରାପ୍ତ ହୋଇଥାଏ। ଏପର୍ଯ୍ୟନ୍ତକି ଯେତେବେଳେ ଏହି ବିଶ୍ୱାସିକ ଶକ୍ତି ସଂପୂର୍ଣ୍ଣ ରୂପେ ବିକଶିତ ହୋଇଯାଏ ସେତେବେଳେ ଏପରି ବିଶ୍ୱାସକାରୀ ଶହୀଦ୍‌ର ସ୍ଥାନରେ ଛିଡ଼ା ହୋଇଥାଏ । କାରଣ କୌଣସି ପ୍ରସଙ୍ଗ ତା' ମାର୍ଗରେ ବାଧା ଏବଂ ବିଘ୍ନ ହୋଇପାରିବ ନାହିଁ । ବ୍ୟକ୍ତି ନିଜର ପ୍ରିୟ ଜୀବନକୁ ମଧ୍ୟ ଉତ୍ସର୍ଗ କରିବାରେ ମଧ୍ୟ ଟାଳଟୁଳ କିମ୍ବା କୁଣ୍ଠାବୋଧ ମନେକରିବ ନାହିଁ। **(ମଲ୍‌ଫୁଜାତ୍, ଭାଗ-1, ପୃ-309, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)** ☆--☆--☆

## ଆଁହଜରତ ସ.ଅଙ୍କ ବାଣୀ

(2587) ହ. ନୁମାନ୍ ବିନ୍ ବଶୀର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୋ ପିତା ମୋତେ ଯେତେବେଳେ ଏକ ଭେଟି ପ୍ରଦାନ କଲେ ସେତେବେଳେ ଉମ୍ରାହ୍ ବିନ୍ତ୍ ରୱାହା ର.ଅ କହିଲେ, ମୁଁ ସେତେବେଳେ ପର୍ଯ୍ୟନ୍ତ ପ୍ରସନ୍ନ ହେବି ନାହିଁ ଯେତେବେଳେ ପର୍ଯ୍ୟନ୍ତ ତୁମେ ଆଁହଜରତ ସ.ଅଙ୍କୁ ସାକ୍ଷୀ କରିନେଇ ନାହଁ। ଫଳତଃ ସେ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୁଁ ନିଜର ସୁପୁତ୍ର ଉମ୍ରାହ୍ ବିନତ୍ ରୱାହାକୁ ଏକ ଭେଟି ଦେଇଅଛି ଏବଂ ସେ ମୋତେ କହିଲା କି ମୁଁ ଆପଣ ସ.ଅଙ୍କୁ **(ଅବଶିଷ୍ଟାଂଶ....ପୃ-2ରେ)**

**ଯୁଗ ଥିଲା ଇସ୍‌ଲାମ୍ ଧର୍ମ ଅବିଶ୍ୱାସ ଏବଂ ଅବଜ୍ଞାକୁ ଗ୍ରାସ କରୁଥିଲା । କିନ୍ତୁ ଆଜି ଅବିଶ୍ୱାସ ଏବଂ ଅବଜ୍ଞା ଇସ୍‌ଲାମ୍ ଧର୍ମକୁ ଗ୍ରାସ କରୁଛି । ସ୍ୱୟଂ ମୁସଲମାନମାନେ ହିଁ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଏହା କହୁଛନ୍ତି ଯେ, ଇସ୍‌ଲାମ୍ ଧର୍ମର ଏହି ଆଦେଶାବଳୀଗୁଡ଼ିକ କାର୍ଯ୍ୟାନୁସରଣ ଯୋଗ୍ୟ ନୁହେଁ ଏବଂ ଏହି ଧର୍ମରେ ଆଉ କ'ଣଟା ବାକି ରହିଯାଇଛି ?**

**ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । କାରଣ ସେମାନେ ନିଜର ଦୋଷ ଦୁର୍ବଳତାକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଇଙ୍ଗିତ କରୁଛନ୍ତି । ସେମାନେ ସଠିକ୍ ଭାବରେ ଇସ୍‌ଲାମ୍ ଧର୍ମର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରନ୍ତି ନାହିଁ କିନ୍ତୁ କୁପରିଣାମ ପବିତ୍ର କୁରଆନ୍ କରୀମ୍ ଆଡ଼କୁ ଇଙ୍ଗିତ କରିଦେଇ ଥାଆନ୍ତି ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ଇବ୍ରାହିମ୍‌ର ଆୟତ୍ ସଂଖ୍ୟା 8 وَاِذْ تَاَذَّنَ رَبُّكُمْ لَئِنْ شَكَرْتُمْ لَاَزِيْدَنَّكُمْ وَلَئِنْ كَفَرْتُمْ اِنَّ عَذَابِيْ لَشَدِيْدٌର ବ୍ୟାଖ୍ୟା କରି କୁହନ୍ତି: "ଉକ୍ତ ଆୟତ୍‌ରେ ଏକ ମହାନ ଆଇନ୍ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି ଯାହାକି ସମସ୍ତ ଉନ୍ନତି ଏବଂ ବିକାଶ ସହିତ ସଂଶ୍ଳୀଷ୍ଟ ଅଟନ୍ତି । ଯେପରିକି ହଲେ ଲୁଗାତ୍ (ଶବ୍ଦକୋଷରୁ ଉଦ୍ଧୃତ ଆକ୍ଷରିକ ଅର୍ଥ) କୃତଜ୍ଞତା ଜ୍ଞାପନ କରିବା ଉପକାରକାରୀ ବ୍ୟକ୍ତିର ପ୍ରଶଂସା କରିବାକୁ ବୁଝାଇଥାଏ । ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ ଏହିପରି ଭାବରେ ହୋଇଥାଏ ଯେ, ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବସ୍ତୁକୁ ମନୁଷ୍ୟ ଉତ୍ତମ ଢଙ୍ଗରେ ଏବଂ ଯଥା ସ୍ଥାନରେ ଓ ଯଥା ସମୟରେ ବିନିଯୋଗ କରୁ । ଯେତେବେଳେ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତି ଦ୍ୱାରା ପ୍ରଦାନ କରାଯାଇଥିବା ବସ୍ତୁକୁ ସଠିକ୍ ଭାବରେ ବିନିଯୋଗ ନକରେ ତେବେ ତା'ର ପ୍ରଶଂସା କରିବା ଶାବ୍ଦିକ ପ୍ରଶଂସା ହେବ । କୃତଜ୍ଞତା ନିମନ୍ତେ ଏହା ଆବଶ୍ୟକ ଯେ, ସଠିକ୍ ବିନିଯୋଗ ଓ ସଠିକ୍ ବ୍ୟୟ ମଧ୍ୟ ହେବା ଉଚିତ୍ । ଏହି ଆଇନ୍ ଓ ଏହି ନିୟମ ସମସ୍ତ ପ୍ରକାର ଉନ୍ନତି ତଥା ବିକାଶର ମୂଳପନ୍ଥା ଅଟେ । ଯଦି ଜ୍ଞାନର ସଠିକ୍ ବ୍ୟବହାର କରାଯାଏ ତାହାହେଲେ ଜ୍ଞାନ ଅବଶ୍ୟ ବୃଦ୍ଧି ପାଇବ। ଚକ୍ଷୁ, ହସ୍ତ, ନାସା, କର୍ଣ୍ଣ ଇତ୍ୟାଦି ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ଯଦି ସଠିକ୍ ବିନିଯୋଗ କରାଯାଏ ତାହାହେଲ ଅବଶ୍ୟ ବିକାଶ ସାଧାନ ହୋଇଥାଏ। ଏହା ଏକ ସାଧାରଣ ନିୟମ ଓ ଆଇନ୍ ଅଟେ । ତହିଁରେ ହିନ୍ଦୁ ମୁସଲମାନ କିମ୍ବା ଖ୍ରୀଷ୍ଟିଆନର କୌଣସି ବାଛ ବିଚାର ନାହିଁ । ମୁସଲମାନମାନେ ଧନର ସଠିକ୍ ବିନିଯୋଗ କରନ୍ତି ନାହିଁ । ସଠିକ୍ ଭବାରେ ଧନର ବ୍ୟୟ ଓ ସଦୁପଯୋଗ ନକରିବା ହେତୁ ମୁସଲମାନ ପତନର ଶିକାର ହେଉଛନ୍ତି । କିନ୍ତୁ ହିନ୍ଦୁମାନେ ଧନର ସଠିକ୍ ବ୍ୟାବାହାର ବା ସଦୁପଯୋଗ କରିବା ଯୋଗୁଁ ଉନ୍ନତି କରୁଛନ୍ତି ।

ଆଧ୍ୟାତ୍ମିକତା କ୍ଷେତ୍ରରେ ମଧ୍ୟ ଏହିପରି ଅବସ୍ଥା ରିହଛି । ପବିତ୍ର କୁରଆନ୍ କରୀମକୁ ହିଁ ଦେଖିନିଅ! ମୁସଲମାନମାନେ ଯେପର୍ଯ୍ୟନ୍ତ ପବିତ୍ର କୁରଆନ୍ କରୀମ୍‌ର ସଠିକ୍ ବ୍ୟବହାର ବା ସଦୁ୍ଯୋଗ କରୁଥିଲେ ସେପର୍ଯ୍ୟନ୍ତ ନା କୌଣସି ଦର୍ଶନ, ନା କୌଣସି ପ୍ରଜ୍ଞା ବା ଧୀଶକ୍ତି, ନା କୌଣସି ଖ୍ରୀଷ୍ଟ ଧର୍ମ ଓ ନା କୌଣସି ଇହୁଦୀ ଧର୍ମ ଇସ୍‌ଲାମ୍ ଧର୍ମର ମୁକାବିଲା କରିବାକୁ ସକ୍ଷମ ହୋଇପାରି ଥିଲା । କିନ୍ତୁ ଆଜି ବେଦ, ଉପନିଷଦ, ତୌରାଦ୍, ଇଞ୍ଜିଲ୍ ଇତ୍ୟାଦି ପ୍ରତ୍ୟେକ ଧର୍ମଗ୍ରନ୍ଥମାନେ ନିଜକୁ ଆଗକୁ ଉପସ୍ଥାପିତ କରୁଛନ୍ତି ଓ ଅନ୍ୟ ପଟରେ ପ୍ରଜ୍ଞା ତଥା ଧୀଶକ୍ତି ସମ୍ପନ୍ନ ଜ୍ଞାନ ପବିତ୍ର କୁରଆନ୍ କରୀମ୍ ଉପେରେ ଘନ ଘନ ଆକ୍ରମଣ କରୁଛନ୍ତି । ବେଳ (ଯୁଗ) ଥିଲା ଇସ୍‌ଲାମ୍ ଧର୍ମ ଅବିଶ୍ୱାସ ଏବଂ ଅବଜ୍ଞାକୁ ଗ୍ରାସ କରୁଥିଲା । କିନ୍ତୁ ଆଜି ଅବିଶ୍ୱାସ ଓ ଅବଜ୍ଞା ଇସ୍‌ଲାମ୍ ଧର୍ମକୁ ଗ୍ରାସ କରୁଛି । ସ୍ୱୟଂ ମୁସଲମାନମାନେ ହିଁ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଏହା କହୁଛନ୍ତି ଯେ, ଇସ୍‌ଲାମ୍ ଧର୍ମର ଏହାର ଆଦେଶାବଳୀ କାର୍ଯ୍ୟାନୁସରଣ ଯୋଗ୍ୟ ନୁହେଁ ଏବଂ ଏହି ଧର୍ମରେ ଆଉ କ'ଣଟା ବାକି ରହିଯାଇଛି ? ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦବୁଦ୍ଧି ଦିଅନ୍ତୁ । କାରଣ ସେମାନେ ନିଜର ଦୋଷ ଦୁର୍ବଳତାକୁ ଇସଲାମ୍ ଧର୍ମ ଆଡ଼କୁ ଇଙ୍ଗିତ କରନ୍ତୁ ନାହିଁ । ସେମାନେ ସଠିକ୍ ଭାବରେ ଇସଲାମ୍ ଧର୍ମର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରନ୍ତି ନାହିଁ କିନ୍ତୁ କୁପରିଣାମ ପବିତ୍ର କୁରଆନ୍ କରୀମ୍ ଆଡ଼କୁ ଇଙ୍ଗିତ କରିଦେଇ ଥାଆନ୍ତି। **(ତଫ୍‌ସିର୍ କବିର୍, ଭାଗ-4, ପୃ-447, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା)**

☆--☆--☆

## ପୃ-1ରେ ବର୍ଣ୍ଣିତ ହଦିସ୍‌ର ଅବଶିଷ୍ଟାଂଶ........

କିମ୍ବା ରସୁଲୁଲ୍ଲାଃ ସ.ଅଙ୍କୁ ସାକ୍ଷ୍ୟ କରିବି । ଆପଣ ସ.ଅ କହିଲେ, ହେ ନୁମାନ୍ କ'ଣ ତୁମେ ଅନ୍ୟ ସନ୍ତାନମାନଙ୍କୁ ଏହିପରି ଦେଇଛ ? ନୁମାନ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏପିର ବାଣ୍ଟି ନାହିଁ । ଆପଣ ସ.ଅ କହିଲେ, ହେ ନୁମାନ୍ ! ତୁମେ ଅଲ୍ଲାଃତାଲାଙ୍କ ଅପ୍ରସନ୍ନତାରୁ ବର୍ତ୍ତିବାକୁ ଚେଷ୍ଟ କର ଓ ନିଜର ସନ୍ତାନମାନଙ୍କ ମଧ୍ୟରେ ନ୍ୟାୟ ବିଚାର କର । ଅତଏବ୍ ନୁମାନ୍ ର.ଅ ଘରକୁ ଫେରି ଆସିଲେ ଏବଂ ଘରେ ଆସି ନିଜର ଭେଟି ଫେରାଇ ନେଲେ ।

**(ବୁଖାରୀ କିତାବୁଲ୍ ହିବା)**

☆--☆--☆

## ବିଗତ ସଂଖ୍ୟା 27ରେ ପୃ-12 ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ........

ଆଁହଜରତ ସ.ଅଙ୍କ ସନ୍ଦେଶ ବାହକ ଯେତେବେଳେ ଇସ୍‌ଲାମ୍ ଧର୍ମର ବାର୍ତ୍ତା ନେଇ କୈସର୍ ନିକଟକୁ ଗଲା ସେତେବେଳେ ସେହି ସନ୍ଦେଶ ବାହକ କୈସର୍‌ର ବିଜୟୀ ହେବାର କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ଆସିଥିଲା । ଏହା ଜ୍ଞାତ ଯେ, ସନ୍ଦେଶ ବାହକ ସୁଲାହ୍ ହୁଦୈବିୟାହ୍ କାଳରେ ପ୍ରେରିତ ହୋଇଥିଲା । ତେଣୁ ଲୋକମାନେ ଏହା ମନେକଲେ ଯେ, ବିଜୟ ପ୍ରାପ୍ତ କରିବାର ମଧ୍ୟ ଏହି ତାରିଖ ଅଟେ । କିନ୍ତୁ ଏହା ପ୍ରମାଦ ଅଟେ ଏବଂ ସ୍ପଷ୍ଟ ରୂପେ ପ୍ରକାଶ୍ୟ ଯେ, ବିଜୟର ତାରିଖ ନୁହେଁ ବରଂ ବିଜୟର ଉତ୍ସବର ତାରିଖ ଅଟେ ।

ସେତେବେଳେ ସେ (ସନ୍ଦେଶ ବାହକ) ଉଲ୍ଲାସ ଏବଂ ଉତ୍ସବ ପାଳନ କରିବା ନିମନ୍ତେ ଆସିଥିଲା । ସେ ଯାହେ ହେଉ ଇତିହାସକୁ ମିଶାଇ ଦେଖିଲେ ଏକଥା ପ୍ରମାଣିତ ହୁଏ ଯେ, ଖ୍ରୀ.ଅ 609 ମସିହାରେ ଆପଣ ସ.ଅ କାଳରେ ଅବତୀର୍ଣ୍ଣ ହେଲେ। 610ରୁ ରୋମବାସୀ ଏବଂ ପାରସ୍ୟବାସୀଙ୍କର କଳହ ସୃଷ୍ଟି ହେଲା । ଖ୍ରୀ.ଅ 613 ମସିହାରେ ଯୁଦ୍ଧ ଘୋଷଣା ହେଲା, ଖ୍ରୀ.ଅ 614 ମସିହାରେ ରୋମବାସୀଙ୍କ ପରାଜୟ ପ୍ରାରମ୍ଭ ହେଲା । ଖ୍ରୀ.ଅ 616 ମସିହାରେ ରୋମୀବାସୀଙ୍କର ପରାଜୟ ସଂପୂର୍ଣ୍ଣ ହେଲା । ଅର୍ଥାତ୍ ସଂପୂର୍ଣ୍ଣ ରୂପେ ପରାଜିତ ହେଲେ । ଖ୍ରୀ.ଅ 622ରେ ପୁନଶ୍ଚ ରୋମବାସୀ ଆକ୍ରମଣ ଆରମ୍ଭ କରିଦେଲେ । ଖ୍ରୀ.ଅ 623ରୁ ସେମାନଙ୍କ ସଫଳତା ଆରମ୍ଭ ହେଲା ଓ ଖ୍ରୀ.ଅ 625ରେ ସେମାନେ ଜୟଲାଭ କଲେ । ଏହି କ୍ରମିକତାକୁ ଯଦି ଅନୁଧ୍ୟାନ ବା ଦେଖନ୍ତି ତେବେ ପ୍ରକାଶ୍ୟ ଯେ, ଉକ୍ତ ଭବିଷ୍ୟବାଣୀର ବିଶେଷତା ଏହିକି ଯେ, ଯଦି ପ୍ରାରମ୍ଭିକ ପରାଜୟ ଠାରୁ ପ୍ରାରମ୍ଭିକ ବିଜୟ ପର୍ଯ୍ୟନ୍ତ ସମୟ କାଳକୁ ମିଶାଇ ଦିଆଯାଏ ତେବେ ମଧ୍ୟ 9 ବର୍ଷ ହୁଏ । ସେହିପରି ଯଦି ପରାଜୟର ପରିଣାମରୁ ବିଜୟର ପ୍ରାରମ୍ଭିକ କାଳ ପର୍ଯ୍ୟନ୍ତ ମିଶାଇ ଦିଆଯାଏ ତେବେ ମଧ୍ୟ 9 ବର୍ଷ ହୁଏ ।

ଉକ୍ତ ବିଜୟର ପୂର୍ତ୍ତି ହେବା ପରେ ହିର୍କଲ୍ ପୁନଶ୍ଚ ସେହିପରି ଆଳସ୍ୟପରାୟଣ ଏବଂ ବିଳାସ ବ୍ୟସନ ବ୍ୟକ୍ତି ପାଲଟିଗଲା, ଅର୍ଥାତ୍ ଯେପରିକି ସେ ପୂର୍ବରୁ ଆଳସ୍ୟପରାୟଣ ଓ ବିଳାସ ବ୍ୟସନବାଦୀ ବ୍ୟକ୍ତି ଥିଲା । ଏପରି ପ୍ରତିତ ହେଉଥିଲା ଯେପରିକି ବିଧିର ହସ୍ତେ କେବଳ ଉକ୍ତ ଭବିଷ୍ୟବାଣୀରୁ ସଂପୂର୍ଣ୍ଣ କରିବା ନିମନ୍ତେ କିଛି ବର୍ଷ ପାଇଁ ତା'ର ମନ ଓ ମସ୍ତିଷ୍କକୁ ଜାଗ୍ରତ କଲା ଏବଂ ହସ୍ତ ଓ ବାହୁ ଦ୍ୱୟକୁ ସତର୍କ କରାଇଦେଲା । ଭବିଷ୍ୟବାଣୀର ସଂପୂର୍ଣ୍ଣ ହେବା ପରେ ପୁନଶ୍ଚ ପୂର୍ବବତ୍ ବିଳାସ ବ୍ୟସନ ଓ ଆଳସ୍ୟତା ତା'କୁ ବିଳାସ ବ୍ୟସନ ଓ ଅବଚେତନର ଶଯ୍ୟାରେ ଶୁଆଇଦେଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ଅଲ୍ଲାମା ଶିବ୍‌ଲୀ ନୁମାନୀ, ଭାଗ-2, ପୃ-316-313, ଇସଲାମୀୟ ଅନୁଷ୍ଠାନ, ସେପ୍ଟେମ୍ବର ମାସ 2002 ମସିହାରୁ ଉଦ୍ଧୃତ) (ଇନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକା, ଭାଗ-2, ପୃ-341) (ଇନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକା, 4, ପୃ-938)** ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଉପରୋକ୍ତ ସମସ୍ତ ବର୍ଣ୍ଣନା ଓ ପ୍ରସଙ୍ଗଟି ଅଲ୍ଲାମା ଶିବ୍‌ଲୀ ନୁମାନୀ ନିଜର ଇତିହାସ ପୁସ୍ତକରେ ଉଲ୍ଲେଖ କରିଛନ୍ତି ।

ରୋମୀୟମାନଙ୍କ ବିଜୟ ସଂପର୍କରେ କେତେକ ସ୍ଥାନରେ ଇତିହାସର ଯେଉଁ ବିବାଦ ରହିଛି ତାହାକୁ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏହିପରି ସମାଧାନ କରିଛନ୍ତି ଯେ, କେତେକ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ରୋମ୍ ବିଜୟ ସୁଲାହ୍ ହୁଦୈବିୟା କାଳେର ହୋଇଥିଲା । କିନ୍ତୁ ଏହି ଦୁଇଟି ବର୍ଣ୍ଣନା ଭିନ୍ନ ଭିନ୍ନ ନୁହନ୍ତି। କାରଣ ରୋମ୍‌ର ବିଜୟ କାଳ ବଦର୍ ଯୁଦ୍ଧ ଠାରୁ ଆରମ୍ଭ କରି ସୁଲାହ୍ ହୁଦୈବିୟା କାଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଟେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହେବଜାଦା ମିର୍ଜା ବଶୀର୍ ଅହେମଦ ସାହେବ ର.ଅ, ଏମ୍.ଏ, ପୃ-377)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଏଥି ସଂକ୍ରାନ୍ତରେ କୁହନ୍ତି: "ଆପଣ ସ.ଅ ମକ୍କାରେ ହିଁ ଥିଲେ କି ଆରବରେ ଏହି ଖବର ପ୍ରଚାରିତ ହୋଇଗଲା ଯେ, ଇରାନୀୟମାନେ ରୋମୀୟମାନଙ୍କୁ ପରାସ୍ତ କରିଦେଇଛନ୍ତି । ଏକଥା ଶୁଣି ମକ୍କାବାସୀ ଅତ୍ୟନ୍ତ ପ୍ରସନ୍ନ ହେଲେ । କାରଣ ଆମେ ବି ମୁସରିକ୍ ଅଟୁ ଓ ଇରାନୀୟମାନେ ମଧ୍ୟ ମୁସରିକ୍ ଅଟନ୍ତି। ଇରାନୀୟମାନଙ୍କର ରୋମୀୟମାନଙ୍କୁ ପରାସ୍ତ କରିବା ଏକ ନୂତନ ଶକୁନ (ଶୁଭ ଫଳକ) ଅଟେ । ଏହାର ଅର୍ଥ ଏହିକି ଯେ, ମକ୍କାବାସୀ ମଧ୍ୟ ମୁହମ୍ମଦ୍ ସ.ଅଙ୍କ ଉପରେ ବିଜୟ ଲାଭ ପ୍ରାପ୍ତ କରିବେ । କିନ୍ତୁ ମୁହମ୍ମଦ ସ.ଅଙ୍କୁ ଅଲ୍ଲାଃତାଲା କହିଲେ, غُلِبَتِ الرُّوْمُ ۙ فِيْۤ اَدْنَى الْاَرْضِ وَهُمْ مِّنْۢ بَعْدِ غَلَبِهِمْ سَيَغْلِبُوْنَ ۙ فِيْ بِضْعِ سِنِيْنَ **(ଅର୍ ରୋମ୍: 3-5)** ରୋମ୍‌ବାସୀମାନେ ପରାଜିତ ହୋଇଛନ୍ତି, ନିକଟବର୍ତ୍ତୀ ଅଞ୍ଚଳରେ ଏବଂ ସେମାନେ ପରାଜିତ ହେବା ପରେ ପୁନର୍ବାର ଜୟଲାଭ କରିବେ । କିଛି ବର୍ଷ ମଧ୍ୟରେ। ଅର୍ଥାତ୍ 9ବର୍ଷ କାଳ ମଧ୍ୟରେ । ଉକ୍ତ ଭବିଷ୍ୟବାଣୀର ପ୍ରକାଶିତ ହେବା ପରେ ମକ୍କାବାସୀ ଅତ୍ୟନ୍ତ ଅଟ୍ଟହାସ୍ୟ ପ୍ରକାଶ କଲେ । ଏପର୍ଯ୍ୟନ୍ତକି ହ. ଅବୁ ବକ୍କର ର.ଅଙ୍କୁ କେତେକ ଅବିଶ୍ୱାସକାରୀମାନେ ଏକଶତ ଓଟର ଲୋଭ ମଧ୍ୟ ଦେଖାଇଲେ ଏବଂ ଏକଶତ ଓଟ ଦେବାର ସର୍ତ୍ତ କଲେ ଯେ, ଏତେ ବଡ଼ ପରାଜୟ ସ୍ୱୀକାର କରିବା ପରେ ମଧ୍ୟ ଯଦି ରୋମ୍‌ବାସୀ **(ଅବଶିଷ୍ଟାଂଶ.........ପୃ-10ରେ)**

## (ଖୁତ୍‌ବା ଜୁମା)

ପ୍ରଥମତଃ ଅସ୍‌ମା ଓ ଏବୁ ଅଫ୍‌କା ଇହୁଦୀଙ୍କ ସଂହାରର ଘଟଣାବଳୀଗୁଡ଼ିକ ବର୍ଣ୍ଣନାମ୍ ଢଙ୍ଗରେ ସଠିକ୍ ବୋଲି ସାବ୍ୟସ୍ତ ହୁଅନ୍ତି ନାହିଁ । ମନେକରିନିଆଯାଉ ସେହି ସବୁ ବର୍ଣ୍ଣନାଗୁଡ଼ିକୁ ଯଦି ସଠିକ୍ ବୋଲି ମନେକରିନିଆଯାଏ ତେବେ ତାହା ସେହି କାଳାନୁଯାୟୀ ଆପତ୍ତି ଯୋଗ୍ୟ ବୋଲି ମନେକରାଯାଇପାରିବ ନାହିଁ ।

---

ଅସ୍‌ମା ଓ ଅବୁ ଅଫ୍‌କା ଇହୁଦୀଙ୍କ ବଧର ଚର୍ଚ୍ଚା କୌଣସି ହଦିସ୍‌ରେ ନମିଳିବା, ବରଂ ପ୍ରାରମ୍ଭିକ ଇତିହାସବିତ୍‌ମାନଙ୍କ ମଧ୍ୟରୁ କେତେକ ଇତିହାସବିତ୍‌ମାନଙ୍କର ତତ୍‌ସଂକ୍ରାନ୍ତରେ ନିରବ ରହିବା ଉକ୍ତ କଥାକୁ ନିଃସନ୍ଦେହ ରୂପେ ଏହା ଦର୍ଶାଏ ଯେ, ଉକ୍ତ କାହାଣୀଗୁଡ଼ିକ କାଳ୍ପନିକ ଅଟନ୍ତି ଏବଂ କୌଣସି ପ୍ରକାରେ କେତେକ ବର୍ଣ୍ଣନାଗୁଡ଼ିକରେ ତାହା ସ୍ଥାନିତ ହୋଇ ଇତିହାସର ଏକ ଅଂଶବିଶେଷ ପାଲଟି ଯାଇଛନ୍ତି ।

---

ଯେଉଁ ଦିଗକୁ ମଧ୍ୟ ଅବଲୋକନ କରାଯାଏ ଉକ୍ତ କାହାଣୀଗୁଡ଼ିକ ସଠିକ୍ ସାବ୍ୟସ୍ତ ହୁଅନ୍ତି ନାହିଁ ଏବଂ ଏପରି ପ୍ରତିତ ହେଉଛି ଯେ, ସମ୍ଭବତଃ ଉକ୍ତ ଘଟଣାଟି ଇସ୍‌ଲାମ୍ ଧର୍ମର କୌଣସି ଗୁପ୍ତ ଶତ୍ରୁ କୌଣସି ମୁସଲମାନ ଆଡ଼କୁ ଇଙ୍ଗିତ କରି ଉକ୍ତ କାହାଣୀଟିକୁ ବର୍ଣ୍ଣନା କରି ଦେଇଥିଲା ଏବଂ ପୁନଶ୍ଚ ଏହା ପରେ ସେହି ବର୍ଣ୍ଣନାଗୁଡ଼ିକ ମୁସଲମାନମାନଙ୍କର ବର୍ଣ୍ଣନାମାନଙ୍କର ପ୍ରବିଷ୍ଟ ହୋଇଯାଇଥିଲା କିମ୍ବା କୌଣସି ଦୁର୍ବଳ ମୁସଲମାନ ବ୍ୟକ୍ତି ନିଜ ସଂପ୍ରଦାୟ ଆଡ଼କୁ ଉକ୍ତ ମିଥ୍ୟା ଗୌରବ ଗାଥାକୁ ଇଙ୍ଗିତ କରିବା ନିମନ୍ତେ ଉକ୍ତ ଘଟଣା ସହିତ ସଂପର୍କ ରଖୁଥିବା ଲୋକମାନେ କେତେକ ଅନିଷ୍ଟ ଅବିଶ୍ୱାସକାରୀଙ୍କୁ ବଧ କରିଥିଲେ । ସେହି ଦୁର୍ବଳ ମୁସଲମାନମାନେ ଉକ୍ତ ବର୍ଣ୍ଣନାଗୁଡ଼ିକ ଇତିହାସରେ ପ୍ରବିଷ୍ଟ କରିଦେଇଛନ୍ତି ଅବା ନୁହେଁ ତାହା ଈଶ୍ୱର ହିଁ ଜାଣନ୍ତି ।

---

ଏହା ଅଲ୍ଲାଃତାଲାଙ୍କ କୃତଜ୍ଞତା ଓ ତାହାଙ୍କ ଅସୀମ ଉପକାର ଯେ, ସେ ଆମମାନଙ୍କୁ ଯୁଗାବତାର ତଥା ଧର୍ମାଧ୍ୟକ୍ଷ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ ଏବଂ ଆମମାନେ ପ୍ରତ୍ୟେକ କଥା ଅବଲୋକନ ତଥା ଉପଲବ୍ଧି କରି, ପରଖି, ଉକ୍ତ ଘଟଣାର ବାସ୍ତବତା ତଥା ସତ୍ୟାସତ୍ୟକୁ ମର୍ମେ ମର୍ମେ ଅନୁଭବ ଓ ହୃଦୟଙ୍ଗମ କରି ପୁନଶ୍ଚ ବର୍ଣ୍ଣନା କରିବା ପାଇଁ ଉଦ୍ୟମ କରିଥାଉ । ଆଁହଜରତ ସ.ଅଙ୍କ ଅସ୍ତିତ୍ୱ ଉପରେ କୌଣସି ପ୍ରକାରର ଲାଞ୍ଛନା ତଥା ଆରୋପ ଲଗାଇବାକୁ ଯଦି ଉଦ୍ୟମ କରାଯାଏ ତେବେ ତାହାକୁ ଖଣ୍ଡନ ତଥା ରଦ୍ଦ କରିବାକୁ ଆମେମାନେ ଉଦ୍ୟମ କରିଥାଉ ।

**ଇସ୍‌ଲାମ୍ ଧର୍ମର ଇହୁଦୀ ଶତ୍ରୁ ଅବୁ ଅଫ୍‌କାର ବ୍ୟଙ୍ଗାତ୍ମକ କବିତା ମାଧ୍ୟମରେ ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଲୋକମାନଙ୍କୁ ଉସ୍‌କାଇବା ଏବଂ ଇହୁଦୀ ଅବୁ ଅଫ୍‌କାର ବଧ ସଂପର୍କିତ ଘଟଣାବଳୀର ସମୀକ୍ଷାତ୍ମକ ଅଧ୍ୟୟନ ।**

କାନାଡ଼ାର ପ୍ରଫେସର (ଅଧ୍ୟାପକ) ଡକ୍ଟର ନାସିର୍ ଅହେମଦ ଖାନ୍ ସାହେବ୍ ଅଲ୍ ମାରୁଫ୍ ପରୱେଜ୍ ପରୱାଜି, ରବୱାର ସମ୍ମାନନୀୟ ଶରୀଫ୍ ଅହେମଦ ଭଟ୍ଟି ସାହେବ, ନୱାବ୍ ଶାହ୍ ଜିଲ୍ଲାର ଅମୀର ଜମାଅତ୍ ଅଧ୍ୟାପକ ଅବ୍‌ଦୁଲ୍ କାଦିର୍ ଡାହରି ସାହେବ, ଆମେରିକାର ଅଧ୍ୟାପକ ଡକ୍ଟର ମୁହମ୍ମଦ ଶରୀଫ୍ ଖାନ୍ ସାହେବଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 6 OCTOBER 2023 ମସିହା ଅନୁଯାୟୀ ୬ ଇଖା / ୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ବୈତୁସ୍ ସୁବୁହ୍ ଫ୍ରାଙ୍କଫୋର୍ଟ, ଜର୍ମାନୀ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଅସ୍‌ମାର ବଧ ସଂପର୍କିତ ଘଟଣାବଳୀ ଗତ ଖୁତ୍‌ବାରେ ମୁଁ ବର୍ଣ୍ଣନା କରିଥିଲି ଏବଂ ମୁଁ କହିଥିଲି ଯେ, ଏହି ଧରଣର ଅନ୍ୟ ଏକ ଘଟଣା ମଧ୍ୟ ରହିଛି । ଦ୍ୱିତୀୟ ଘଟଣାଟି ମଧ୍ୟ ଏକ କାଳ୍ପନିକ ଘଟଣା ପ୍ରତିତ ହେଉଛି । ଦ୍ୱିତୀୟ ଘଟଣାଟି ଅବୁ ଅଫ୍‌କା ଇହୁଦୀର ବଧ ସଂପର୍କିତ ଅଟେ । ଜୀବନୀ ପୁସ୍ତକମାନଙ୍କରେ ଇହୁଦୀ ଅବୁ ଅଫ୍‌କା ଆଉ ଏକ ଜାଲ୍ ବା କାଳ୍ପନିକ ଘଟଣା ବର୍ଣ୍ଣନା କରାଯାଏ । ଏହାର ବିସ୍ତୃତ ବିବରଣୀ ଏହିପରି ଯେ, ଦିନେ ଆଁହଜରତ ସ.ଅ ନିଜର ସାହାବାମାନଙ୍କୁ କହିଲେ, ହେ ସାହବାମାନେ ! ତୁମମାନଙ୍କ ମଧ୍ୟରୁ କିଏ ସେହି ସାହାବି ଅଟନ୍ତି ଯିଏ ମୋ ପାଇଁ ଉକ୍ତ ପିଶାଚ ଅର୍ଥାତ୍ ଅବୁ ଅଫ୍‌କା ସହିତ ହାତାହାତି ହୋଇପାରିବ ? ଅର୍ଥାତ୍ କିଏ ସେହି ସାହାବି ଯିଏ ଅବୁ ଅଫ୍‌କାର କାମ ତମାମ୍ କରିପାରିବ ? ଉକ୍ତ ବ୍ୟକ୍ତି ଅର୍ଥାତ୍ ଅବୁ ଅଫ୍‌କା ଅତ୍ୟନ୍ତ ବୃଦ୍ଧ ବ୍ୟକ୍ତି ଥିଲା । ଏପର୍ଯ୍ୟନ୍ତକି ଏହା ମଧ୍ୟ କୁହାଯାଏ ଯେ, ତା'ର ବୟସ 120 ହୋଇଯାଇଥିଲା । କିନ୍ତୁ ଉକ୍ତ ବ୍ୟକ୍ତି ଜଣକ ରସୁଲଲ୍ଲାଃ ସ.ଅଙ୍କ ବିରୁଦ୍ଧରେ ଲୋକମାନଙ୍କୁ ଉସ୍‌କାଉଥିଲା ଏବଂ ନିଜର କବିତାମାନଙ୍କରେ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଅପଶବ୍ଦ, ସମ୍ମାନକୁ କ୍ଷୁର୍ଣ୍ଣ କରୁଥିବା କଥା ଓ ବ୍ୟଙ୍ଗ ବିଦ୍ରୂପ କରୁଥିଲା । ଆଁହଜରତ ସ.ଅଙ୍କ ଏହି ଆଦେଶାବଳୀ ଉପରେ ହ. ସାଲିମ୍ ବିନ୍ ଉମୈର୍ ର.ଅ ଛିଡ଼ା ହେଲେ । ହ. ସାଲିମ୍ ବିନ୍ ଉମୈର୍ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲେ ଯିଏ ଅଲ୍ଲାଃତାଲାଙ୍କ ଭୟ ହେତୁ ବହୁତ କାନ୍ଦୁଥିଲେ । ହ. ସାଲିମ୍ ବଦର୍ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଥିଲେ । ସୁତରାଂ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ ଏକ ମାନସିକ କରିଛି ଯେ, ମୁଁ ତ' ଅବୁ ଅଫ୍‌କାର ବଧ ଅବଶ୍ୟ କରିଦେବି ଅନ୍ୟଥା ଏହି ଉଦ୍ୟମରେ ମୁଁ ନିଜର ପ୍ରାଣ ଅବଶ୍ୟ ତ୍ୟାଗ କରିଦେବି । ସୁତରାଂ ଏହା ପରେ ହ. ସାଲିମ୍ ବିନ୍ ଉମୈର୍ ର.ଅ ସୁଯୋଗକୁ ଅପେକ୍ଷା କଲେ। ଦିନେ ଯେତେବେଳେ ରାତ୍ର ସମୟ ହୋଇଥିଲା ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଥିଲା । ସେତେବେଳେ ଅବୁ ଅଫ୍‌କା ନିଜ ଘରର ପ୍ରାଙ୍ଗଣରେ ଶୋଇଥିଲା । ତା'ର ସେହି ପ୍ରାଙ୍ଗଣଟି ଘରୁ ବାହାରେ ଅବସ୍ଥିତ ଥିଲା । ହ. ସାଲିମ୍ ର.ଅଙ୍କୁ ଏହାର ସୂଚନା ଯେତେବେଳେ ପ୍ରାପ୍ତ ହେଲା ସେତେବେଳେ ସେ ତୁରନ୍ତ ବାହାରି ପଡ଼ିଲେ । ସେଠାରେ ପହଞ୍ଚି ହ. ସାଲିମ୍ ର.ଅ ନିଜର ଖଡ୍‌ଗ ଅବୁ ଅଫ୍‌କାର ପେଟରେ ଲଗାଇ ଦେଲେ (ଭୁଷି) ଏବଂ ଖଡ୍‌ଗ ଉପରେ ଚାପ ପ୍ରୟୋଗ କଲେ । ଏପର୍ଯ୍ୟନ୍ତକି ଖଡ୍‌ଗଟି ତା' ପେଟକୁ ବିଦୀର୍ଣ୍ଣ (ଚିରି) କରି ଶଯ୍ୟାର ବିଛଣାରେ ଭୁଷି (ପଶିଗଲା) ହୋଇଗଲା । ଏଥିସହ ଅବୁ ଅଫ୍‌କା ଯେକି ଈଶ୍ୱରଙ୍କ ଶତ୍ରୁ ଥିଲା ସେ ଏକ ଭୟଙ୍କର ଚିତ୍କାର କଲା । ହ. ସାଲିମ୍ ର.ଅ ତା'କୁ ସେହି ଅବସ୍ଥାରେ ଛାଡ଼ି ସେଠାରୁ ଚାଲି ଆସିଲେ । ଅବୁ ଅଫ୍‌କାର ଚିତ୍କାର ଶୁଣି ଲୋକମାନେ ଶୀଘ୍ର ଧାଇଁ ଆସିଲେ ଏବଂ ତା'ର କେତେକ ସାଥିମାନେ ସେହି ମୁହୂର୍ତ୍ତରେ ହିଁ ତା'କୁ ଟେକି ଘର ଭିତରକୁ ନେଇଗଲେ କିନ୍ତୁ ଈଶ୍ୱରଙ୍କ ସେହି ଶତ୍ରୁ ଖଡ୍‌ଗର ସେହି ଚୋଟକୁ ସହ୍ୟ କରି ନପାରି ମୃତ୍ୟୁବରଣ କଲା । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-300, ଦାରୁଲ୍ ମାଆରିଫା, ବୈରୁତ୍-2012 ମସିହା)**

ଏକ ଜୀବନୀର ପୁସ୍ତକରେ ଉକ୍ତ ଘଟଣାଟି ଏହିପରି ଉଲ୍ଲିଖିତ ହୋଇଛି । କିନ୍ତୁ ଉକ୍ତ ଘଟଣାଟି ମଧ୍ୟ କୌଣସି ବିଶ୍ୱସନୀୟ ପ୍ରମାଣ ସୂତ୍ରରୁ ବର୍ଣ୍ଣିତ ହୋଇ ନାହିଁ । ସିହା ସିତ୍ତାରେ ମଧ୍ୟ ଏହାର ଉଲ୍ଲେଖ ନାହିଁ । ସିରତର୍ କେତେକ ପୁସ୍ତକମାନଙ୍କରେ ଉକ୍ତ ଘଟଣାର ଉଲ୍ଲେଖ ରହିଛି । ଯେପରିକି ସିରତୁଲ୍ ହଲବିୟାହ୍, ଶରହୁଜ୍ ଜର୍କାନୀ, ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ସିରତୁନ୍ ନବୱିୟାହ୍ ସ.ଅ ଲିଇବ୍‌ନି ହିଶ୍ଶାମ୍, ଅଲ୍ ବଦାୟା ୱନ୍ ନହାୟିୟାହ୍, କିତାବୁଲ୍ ମୁଗାଜି ଲିଲୱାକିଦି ଓ ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍ ଇତ୍ୟାଦି ପୁସ୍ତକମାନଙ୍କରେ ଉକ୍ତ ଘଟଣାର ଚର୍ଚ୍ଚା ରହିଛି । କିନ୍ତୁ ଇତିହାସର ଅନେକ ପୁସ୍ତକମାନଙ୍କରେ ଉକ୍ତ ଘଟଣାଟି ଉଲ୍ଲିଖିତ ହୋଇ ହୋଇ ନାହିଁ । ଉଦାହରଣ ସ୍ୱରୂପ ଅଲକାମିଲୁ ଫିତ୍ ତାରିଖି, ତାରିଖୁତ୍ ତିବ୍ରୀ, ତାରିଖ୍ ଇବ୍‌ନ୍ ଖୁଲଦୁନ୍ ଇତ୍ୟାଦି ଇତିହାସ ପୁସ୍ତକରେ । ଅପରପକ୍ଷେ ଯେପରିକି ପୂର୍ବେ ବର୍ଣ୍ଣିତ ହୋଇଛି ଯେ, ଇତିହାସର ଅନେକ ପୁସ୍ତକ ଯଥା-ତାରିଖୁଲ୍ ଖମିସ୍‌ରେ ଉକ୍ତ ଘଟଣାଟି ବର୍ଣ୍ଣିତ ହୋଇଅଛି ।

ଅସ୍‌ମାର ଘଟଣା ପରି ଉକ୍ତ ଘଟଣା ସଂକ୍ରାନ୍ତରେ ମଧ୍ୟ ଏହି ସାକ୍ଷ୍ୟ ବର୍ଣ୍ଣନା କରାଯାଏ ଯେ, ଅବୁ ଅଫ୍‌କା ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶତ୍ରୁତା ଏବଂ ବୈରାଗ୍ୟ ପ୍ରଦର୍ଶନ କରି ଲୋକମାନଙ୍କୁ ଉସ୍‌କାଉ ଥିଲା । ବଦର୍ ଯୁଦ୍ଧ ପରେ ଅବୁ ଅଫ୍‌କା ଈର୍ଷା ଏବଂ ବିଦ୍ୱେଷରେ ସୀମା ଟପି ଯାଇଥିଲା ଏବଂ ଖୋଲମ୍ ଖୋଲା ବିଦ୍ରୋହୀ ପାଲଟିଗଲା । ଅବୁ ଅଫ୍‌କାର ବଧ ସଂକ୍ରାନ୍ତୀୟ ବର୍ଣ୍ଣନାର ଆଭ୍ୟନ୍ତରୀଣ ମତପାର୍ଥକ୍ୟ ମଧ୍ୟ ଉକ୍ତ ଘଟଣାକୁ ଆହୁରି ସନ୍ଦେହାସ୍ପଦ କରିଦେଇଥାଏ । ଉଦାହରଣ ସ୍ୱରୂପ **ପ୍ରଥମ-** ହତ୍ୟାକାରୀ ସଂପର୍କରେ ମତପାର୍ଥକ୍ୟ ରହିଛି । ଇବ୍‌ନେ ସାଆଦ୍ ଓ ୱାକିଦି ନିକଟରେ ଅବୁ ଅଫ୍‌କାର ସଂହାରକର୍ତ୍ତା ସାଲିମ୍ ବିନ୍ ଉମୈର୍ ର.ଅ ଥିଲେ । ଅପରପକ୍ଷେ ଅନ୍ୟ ବର୍ଣ୍ଣନାରେ ସାଲିମ୍ ବିନ୍ ଉମର ର.ଅଙ୍କର ଚର୍ଚ୍ଚା ରହିଛି । କିନ୍ତୁ ଇବ୍‌ନେ ଉକ୍‌ବାଙ୍କ ନିକଟରେ ସାଲିମ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ସାବିତ୍ ଅନ୍‌ସାରୀ ଅବୁ ଅଫ୍‌କାର ବଧ କରିଥିଲେ । **ଦ୍ୱିତୀୟ-** ଏହିକି ଯେ, ସଂହାରର କାରଣ ସଂପର୍କରେ ମତପାର୍ଥକ୍ୟ ରହିଛି । ଇବନେ ହିଶ୍ଶାମ୍ ଓ ୱାକିଦିଙ୍କ ନିକଟରେ ସାଲିମ୍ ସ୍ୱୟଂ ଉତ୍‌କ୍ଷିପ୍ତ ହୋଇ ଅବୁ ଅଫ୍‌କାର ବଧ କରିଦେଲେ । ଅପରପକ୍ଷେ ଅନ୍ୟ ବର୍ଣ୍ଣନାନୁଯାୟୀ ରସୁଲୁଲ୍ଲାଃ ସ.ଅଙ୍କ ଆଦେଶମତେ ଆପଣ ତା'ର ବଧ କରିଥିଲେ । **(ଶର୍‌ହୁଜ୍ ଜର୍କାନୀ, ଭାଗ-2, ପୃ-347, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1996 ମସିହା) (ଅସ୍ ସିରତୁନ୍ ନବୱିୟାହ୍ ଲଇବନି ହିଶ୍ଶାମ୍, ପୃ-887, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ -2001 ମସିହା) (କିତାବୁଲ୍ ମୁଗାଜି ଲିଲ୍ ୱାକିଦି, ଭାଗ-1, ପୃ-163, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ -2013 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍ ଫି ସିରତି ଖୈରିଲ୍ ଉବ୍‌ବାଦ୍, ଭାଗ-6, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା)**

ଇବ୍‌ନେ ହିଶ୍ଶାମ୍ ଏହିପରି ଉଲ୍ଲେଖ କରିଛନ୍ତି । ଧର୍ମର ମତଭେଦ ସଂକ୍ରାନ୍ତରେ ଏକ ତୃତୀୟ କଥା ରହିଛି । ଇବ୍‌ନେ ସାଆଦ୍‌ଙ୍କ ନିକଟରେ ଅବୁ ଅଫ୍‌କା ଇହୁଦୀ ବ୍ୟକ୍ତି ଥିଲା । ଅପରପକ୍ଷେ ୱାକିଦିଙ୍କ ନିକଟରେ ଅବୁ ଅଫ୍‌କା ଇହୁଦୀ ନଥିଲା । **(ଅତ୍‌ତବକାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-2, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1990 ମସିହା) (କିତାବୁଲ୍ ମୁଗାଜି ଲିଲ୍ ୱାକିଦି, ଭାଗ-1, ପୃ-163, ଦାରୁଲୁ କୁତୁବୁଲ୍ ଇଲ୍‌ମିୟାହ୍ -2013 ମସିହା)**

ପୁନଶ୍ଚ ବଧର କାଳ ସଂପର୍କରେ ମଧ୍ୟ ମତଭେଦ ରହିଛି । ୱାକିଦି ଏବଂ ଇବ୍‌ନେ ସାଆଦ୍‌ଙ୍କ ନିକଟରେ ଉକ୍ତ ଘଟଣା ଅସ୍‌ମା ବିନ୍‌ତ୍ ମୁରୱାନ୍‌ର ବଧ ପରବର୍ତ୍ତୀ ଘଟଣା ଅଟେ । କିନ୍ତୁ ଇବ୍‌ନେ ଇସ୍‌ହାକ୍ ଓ ଇବ୍‌ନେ ହିଶ୍ଶାମ୍ ଇତ୍ୟାଦିଙ୍କ ନିକଟରେ ଉକ୍ତ ଘଟଣାଟି ଅମ୍‌ସା ବିନ୍‌ତ୍ ମୁର୍‌ୱାନର ଘଟଣାରୁ ପୂର୍ବର ଘଟଣା ଅଟେ । **(ଅତ୍‌ତବ୍‌କାତୁର୍ କବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-20-21, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ -1990 ମସିହା) (କିତାବୁଲ୍ ମୁଗାଜି ଲିଲୱାକିଦି, ଭାଗ-1, ପୃ-161, ଓ 163 ଦାରୁଲୁ କୁତୁବୁଲ୍ ଇଲ୍‌ମିୟାହ୍ -2013 ମସିହା) (ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-886 ଓ 887 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ -2001 ମସିହା)**

ଉପରୋକ୍ତ ମତପାର୍ଥକ୍ୟରୁ ମଧ୍ୟ ସ୍ପଷ୍ଟ ରୂପେ ପ୍ରତିଭାତ ହୁଏ ଯେ, କେବଳ କୃତ୍ରିମ ଏବଂ ନକଲି କାହାଣୀ ରହିଛି । ଏହାର କୌଣସି ସତ୍ୟାସତ୍ୟ ନାହିଁ । ବଡ଼ କଷ୍ଟରେ ଯଦିବି ମନେକରି ନିଆଯାଏ ତେବେ ତା'ର ଅନ୍ୟାନ୍ୟ ଅପରାଧ ଯୋଗୁଁ ଦେଶର ପ୍ରବନ୍ଧକଙ୍କୁ ଅବୁ ଅଫ୍‌କାକୁ ବଧ କରିବାକୁ ଉସ୍‌କାଇବା, ବ୍ୟଙ୍ଗାତ୍ମକ କବିତା କହି ଯୁଦ୍ଧ ନିମନ୍ତେ ଉସକାଇବା, ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ବିପଦରେ ପକାଇବା, ଯୁଦ୍ଧର ବହ୍ନି ପ୍ରଜ୍ୱଳିତ କରିବା ହିଁ ମୃତ୍ୟୁ ଦଣ୍ଡ ନିମନ୍ତେ ଯଥେଷ୍ଟ ଥିଲା । ସୁତରାଂ ବ୍ୟକ୍ତି ଯେତେବେଳେ ଦେଶ ବିରୋଧୀ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହେ ଏବଂ ବିଦ୍ରୋହ କରେ ଓ ତା'ର ଏହି ଅପରାଧ ସାବ୍ୟସ୍ତ ହୋଇଯାଏ ଅର୍ଥାତ ସେ ଦୋଷୀ ବୋଲି ସାବ୍ୟସ୍ତ ହୋଇଯାଏ ତେବେ ସେପରିପ୍ରେକ୍ଷୀରେ ସଂପୃକ୍ତ ବ୍ୟକ୍ତିକୁ ଆଜିକାଲି ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥାଏ । କେବଳ ଗାଳି ଦେବା ଅବୁ ଅଫ୍‌କାର ବଧର କାରଣ ହୋଇ ପାରିବ ନାହିଁ । ସେହିପରି ଅସ୍‌ମାର ଘଟଣା ପରି ଏଠାରେ ମଧ୍ୟ ଅବୁ ଅଫ୍‌କାର ସଂହାର ପରେ ଇହୁଦୀମାନଙ୍କର କୌଣସି ପ୍ରତିକ୍ରିୟା ପ୍ରମାଣିତ ହୋଇ ନାହିଁ ।

ସେହି ବଧ ଯୋଗୁଁ ଇହୁଦୀମାନଙ୍କର ପ୍ରତିକ୍ରିୟା ଅବଶ୍ୟ ହେବା କଥା । କିନ୍ତୁ କୌଣସି ପ୍ରତିକ୍ରିୟା ସାବ୍ୟସ୍ତ ହୋଇ ନାହିଁ । ସୁତରାଂ ଇହୁଦୀମାନଙ୍କୟର ନିରବ ରହିବା ଉକ୍ତ ଘଟଣାକୁ ନକଲି ଏବଂ କାଳ୍ପନିକ ବୋଲି ଯୁକ୍ତିପୂର୍ଣ୍ଣ ପୁଷ୍ଟ ପ୍ରମାଣ ଅଟେ । ଉକ୍ତ କଥା ମଧ୍ୟ ସ୍ମରଣଯୋଗ୍ୟ ଯେ, ଉପରୋକ୍ତ ଘଟଣାବଳୀର ସମୟକାଳ ବଦର୍ ଯୁଦ୍ଧ ପୂର୍ବରୁ କିମ୍ବା ବଦର୍ ଯୁଦ୍ଧ ପରବର୍ତ୍ତୀ ବୋଲି ବର୍ଣ୍ଣନା କରାଯାଇଥାଏ । କାରଣ ଘଟଣା ଶୀଘ୍ର ପୂର୍ବେ ହୋଇଛି କିମ୍ବା ପୂର୍ବେ ଶୀଘ୍ର ହୋଇଥିଲା । ସମସ୍ତ ଇତିହାସବିତ୍‌ମାନେ ଏକମତ ଅଟନ୍ତି ଯେ, ମୁସଲମାନ ଓ ଇହୁଦୀଙ୍କ ମଧ୍ୟରେ ପ୍ରଥମ ଯୁଦ୍ଧ ବନୁ କୈନ୍‌କା ଅଟେ । ଯଦି ବଦର୍ ଯୁଦ୍ଧ ପୂର୍ବରୁ କୌଣସି ଘଟଣା ଘଟି ଥାଆନ୍ତା ତେବେ ଇତିହାସବିତ୍‌ମାନେ ନିମ୍ନରେ ଅବଶ୍ୟ ଏହାର (ଉକ୍ତ ଘଟଣାର) ଚର୍ଚ୍ଚା କରି ଥାଆନ୍ତେ ଯେ, ଘଟଣାଟି ଏହିପରି ଘଟିଛି । ଇହୁଦୀ ବ୍ୟକ୍ତି ଅବୁ ଅଫ୍‌କା ଏବଂ ଅସ୍‌ମାର ହତ୍ୟା ଘଟଣାକୁ ଆୟୁଦ୍ଧ କରି ଖାଲିଟାରେ ମୁସଲମାନଙ୍କ ଉପରେ ଏହି ଆପତ୍ତି କରିପାରି ଥାଆନ୍ତେ ଯେ, ମୁସଲମାନମାନେ ବ୍ୟବହାରିକ ଉତ୍ପୀଡ଼ନ ଏବଂ ଉପଦ୍ରବ ଆଗେ କରିଛନ୍ତି । କିନ୍ତୁ କେଉଁଠି ଏହା ଉଲ୍ଲେଖ ହୋଇ ନାହିଁ ଯେ, ମଦିନାର ଇହୁଦୀମାନେ ଉକ୍ତ ଘଟଣାକୁ ନେଇ କେବେ ବି କୌଣସି ଏପରି ପ୍ରଶ୍ନ ଉତ୍ଥାପିତ କରିଥିବେ ।

ହ. ସାହେବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଅସ୍‌ମା ଓ ଅବୁ ଅଫ୍‌କାର ବଧର ନକଲି ଘଟଣାର ଚର୍ଚ୍ଚା କରି ସିରତ୍ ଖାତମୁନ୍ ନବୀୟିନ୍‌ରେ ଯେଉଁ ପ୍ରସଙ୍ଗ ବର୍ଣ୍ଣନା ବା ଅବତାରଣା କରିଛନ୍ତି ତାହା ଏହିପରି ଯେ, "ବଦର୍ ଯୁଦ୍ଧର ପରିସ୍ଥିତି ପରେ ୱାକିଦି ଓ ଅନ୍ୟ କେତେକ ଇତିହାସବିତ୍‌ମାନେ ଏପରି ଦୁଇଟି ଘଟଣାବଳୀ ଉଲ୍ଲେଖ କରିଛନ୍ତି । ସେହି ଦୁଇଟି ଘଟଣାର ଚର୍ଚ୍ଚା ହଦିସ୍‌ର ପୁସ୍ତକମାନଙ୍କରେ ଏବଂ ସଠିକ୍ ଐତିହାସିକ ବର୍ଣ୍ଣନାରେ ଚିହ୍ନବର୍ଣ୍ଣ ମିଳୁ ନାହିଁ ବୌଦ୍ଧିକପୂର୍ଣ୍ଣ ରୂପେ ମଧ୍ୟ ଯଦି ବିଚାର କରାଯାଏ ତେବେ ତାହା ସଠିକ୍ ବୋଲି ସାବ୍ୟସ୍ତ ହୁଏ ନାହିଁ । କିନ୍ତୁ ତହିଁରୁ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଏକ ପ୍ରକାଶ୍ୟମୂଳକ ଆପତ୍ତିଜନକ ସ୍ଥିତି ସୃଷ୍ଟି ହୋଇ ଯାଇଥାଏ । ତେଣୁ କେତେକ ଖ୍ରୀଷ୍ଟ ଇତିହାସବିତ୍‌ମାନେ ଅଭ୍ୟାସଗତ ଭାବରେ ଅତ୍ୟନ୍ତ ଅପ୍ରିତୀକର ପରିସ୍ଥିତିରେ ଏହାର ଚର୍ଚ୍ଚା କରିଛନ୍ତି । ଏହି କାଳ୍ପନିକ ଘଟଣାବଳୀଗୁଡ଼ିକ ଏହିପରି ବର୍ଣ୍ଣନା କରାଯାଇଛି ଯେ, ମଦିନାରେ ଅସ୍‌ମା ନାମକ ଜନୈକା ମହିଳା ବାସ କରୁଥିଲା । (ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଅସ୍‌ମାର ପୁନରାୟ ଚର୍ଚ୍ଚା ଆସୁଛି) ଉକ୍ତ ମହିଳା ଜଣକ ଇସ୍‌ଲାମ୍ ଧର୍ମର ଘୋର ଶତ୍ରୁ ଥିଲା ଏବଂ ଆଁହଜରତ ସ.ଅଙ୍କ ବିପକ୍ଷରେ ଅତ୍ୟନ୍ତ ବିଷାକ୍ତପୂର୍ଣ୍ଣ ବିଷ ଓଗାଳୁଥିଲା । ସେ ନିଜର ଉତ୍ତେଜକ କବିତାମାନଙ୍କରେ ଲୋକମାନଙ୍କୁ ଆପଣ ସ.ଅଙ୍କ ବିରୁଦ୍ଧରେ ଉସ୍‌କାଉଥିଲା ଏବଂ ଲୋକମାନଙ୍କୁ ଆପଣ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ପ୍ରୋତ୍ସାହିତ କରୁଥିଲା । ପରିଶେଷରେ ଉମୈର୍ ବିନ୍ ଅଦି ନାମକ ଜଣେ ଅନ୍ଧ ସାହାବି ଉତ୍‌କ୍ଷିପ୍ତ ହୋଇ ରାତ୍ର ସମୟରେ ସେହି ମହିଳା ଘର ଭିତରକୁ ପ୍ରବେଶ କରି ମହିଳା ଶୋଇଥିବା ଅବସ୍ଥାରେ ତା'ର ସଂହାର କରିଦେଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣା ସଂକ୍ରାନ୍ତରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ସେହି ସାହାବିଙ୍କୁ ନିନ୍ଦା କଲେ ନାହିଁ ବରଂ ତା'ଙ୍କର ଉକ୍ତ କାର୍ଯ୍ୟକଳାପ ଯୋଗୁଁ ତା'ଙ୍କର ପ୍ରଶଂସା କଲେ । ଏହା ବର୍ଣ୍ଣନା କରାଯାଏ ଯେ, ଆପଣ ସ.ଅ ତା'ଙ୍କ କୃତ୍ୟର ପ୍ରଶଂସା କରିଥିଲେ । ଏହାର ଅର୍ଥ ଏହା ନୁହେଁ ଯେ, ବାସ୍ତବରେ ଆପଣ ସ.ଅ ତାଙ୍କର ପ୍ରଶଂସା କରିଥିଲେ । ହୁଜୁର ଅନ୍‌ୱର ଅ.ବ କହିଲେ, ତେଣୁ ଉପରୋକ୍ତ ଯେଉଁ ଘଟଣାଟି ଇତିହାସବିତ୍‌ମାନେ ବର୍ଣ୍ଣନା କରୁଛନ୍ତି ତାହା ତ୍ରୁଟିପୂର୍ଣ୍ଣ ହେବାର ପୂର୍ବେ ମଧ୍ୟ ମୁଁ ବର୍ଣ୍ଣନା କରି ସାରିଛି । ଦ୍ୱିତୀୟ ଘଟଣା ଏହିପରି ବର୍ଣ୍ଣନା କରାଯାଏ ଯେ, ଅବୁ ଅଫ୍‌କା ନାମକ ଜନୈକ ବୃଦ୍ଧ ବ୍ୟକ୍ତି ମଦିନାରେ ବାସ କରୁଥିଲା । ଉକ୍ତ ବୃଦ୍ଧ ବ୍ୟକ୍ତି ମଧ୍ୟ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଉତ୍ତେଜକପୂର୍ଣ୍ଣ ଭାଷଣ ଏବଂ ଉତ୍ତେଜକପୂର୍ଣ୍ଣ କବିତାମାନ ରଚନା କରି ଲୋକମାନଙ୍କୁ ଶୁଣାଉଥିଲା ଓ ଅବଜ୍ଞାକାରୀମାନଙ୍କୁ ଆପଣ ସ.ଅଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ପ୍ରୋତ୍ସାହିତ ତଥା ପ୍ରବର୍ତ୍ତାଉ ଥିଲା । ଶେଷରେ ସେହି ବୃଦ୍ଧ ବ୍ୟକ୍ତିକୁ ମଧ୍ୟ ସାଲିମ୍ ବିନ୍ ଉମୈର୍ ର.ଅ ନାମକ ଜନୈକ ସାହାବି କ୍ରୋଧାନ୍ୱିତ ହୋଇ ରାତ୍ର ମସୟରେ ତା'ରି ପ୍ରାଙ୍ଗଣରେ ହିଁ ତା'ର ବଧ କରି ଦେଇଥିଲେ । "

ହ. ସାହେବଜାଦା ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ୱାକିଦି ଓ ଇବ୍‌ନେ ହିଶ୍ଶାମ କେତେକ ଉତ୍ତେଜକ କବିତାମାନ ମଧ୍ୟ ଉଦ୍ଧାର କରିଛନ୍ତି ଯାହା ଅସ୍‌ମା ଓ ଅବୁ ଅଫ୍‌କା ଆଁହଜରତ ସ.ଅଙ୍କ ବିରୁଦ୍ଧରେ କହିଥିଲେ । ଏହି ଦୁଇଟି ଘଟଣାବଳୀକୁ ସାର୍ ୱିଲିୟମ୍ ମିଓର୍ ଆଦି ପ୍ରାଚ୍ୟ ତଥା ପାଶ୍ଚାତ୍ୟ ତତ୍ତ୍ୱବିତମାନେ ଅତ୍ୟନ୍ତ ଅସହଣୀୟ (ନାପସନ୍ଦ) ସ୍ଥିତିରେ ନିଜର ପୁସ୍ତକଗୁଡ଼ିକର ସୁନ୍ଦର ରୂପେ ବରଣ କରିଛନ୍ତି ।" ଏହି ପ୍ରାଚ୍ୟ ତତ୍ତ୍ୱବିତ୍ ଜଣକ ସେହି ଦୁଇ ଜଣ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଅର୍ଥାତ୍ ଅସ୍‌ମା ଓ ଅବୁ ଅଫ୍‌କାକୁ ନେଇ ଆଳ କରିଛନ୍ତି ଯେ, ଦେଖ ଅବୁ ଅଫ୍‌କା ଓ ଅସ୍‌ମା ଉପରେ କେତେ ଅତ୍ୟାଚାର ହୋଇଛି । କିନ୍ତୁ ବିତର୍କ ଏବଂ ସମାଲୋଚନା ସମ୍ମୁଖରେ ଉକ୍ତ ଘଟଣା ଦ୍ୱୟ ସଠିକ୍ ବୋଲି ସାବ୍ୟସ୍ତ ହୁଏ ନାହିଁ ।

**ପ୍ରଥମ ପ୍ରମାଣ** ଯାହାକି ସେହି ଘଟଣାବଳୀର ସଠିକତା ସଂକ୍ରାନ୍ତରେ ସନ୍ଦେହ ସୃଷ୍ଟି କରେ ଯେ, ଆହାଦିସ୍‌ର ପୁସ୍ତକମାନଙ୍କରରେ ଉକ୍ତ ଘଟଣାବଳୀର ଚର୍ଚ୍ଚା ମିଳେ ନାହିଁ । ଅର୍ଥାତ୍ କୌଣସି ହଦିସ୍‌ରେ ହତ୍ୟାକାରୀ ଓ ହତ୍ୟା ହୋଇଥିବା ବ୍ୟକ୍ତିର ନାମ ନେଇ ଏହି ପ୍ରକାରର କୌଣସି ଘଟଣା ବର୍ଣ୍ଣନା କରାଯାଇ ନାହିଁ । ବରଂ ହଦିସ୍ କଥା ଛାଡ଼ କେତେକ ଇତିହାସବିତ୍‌ମାନେ ମଧ୍ୟ ଏହାର ଚର୍ଚ୍ଚ କରି ନାହାନ୍ତି । କିନ୍ତୁ ଯଦି ଏହି ପ୍ରକାରର ଘଟଣା ବାସ୍ତବରେ ଘଟିଛି ତାହାହେଲେ କୌଣସି କାରଣ ନଥିଲା ଯେ, ଆହଦିସ୍‌ର ପୁସ୍ତକ ଏବଂ ଇତିହାସର କେତେକ ପୁସ୍ତକମାନଙ୍କରେ ସେମାନଙ୍କର ଚର୍ଚ୍ଚା ହୋଇ ନଥାଆନ୍ତା । ଏଠାରେ ଏହି ସନ୍ଦେହ କରାଯାଇ ପାରିବ ନାହିଁ ଯେ, ସେହି ଘଟଣାବଳୀରୁ ପ୍ରକାଶ୍ୟ ରୂପେ ଆଁହଜରତ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନଙ୍କ ବିରୁଦ୍ଧରେ ଏତାଦୃଶ ଅସାଧୁ ପନ୍ଥା ଏବଂ ଆପତ୍ତି କରାଯାଉଥିଲା। ତେଣୁ ମୁହଦ୍ଦିସିନ୍(ହଦିସ୍‌ର ବିଦ୍ୱାନ୍‌ମାନେ) ଏବଂ କେତେକ ଇତିହାସବିତ୍‌ମାନେ ସେମାନଙ୍କର ଚର୍ଚ୍ଚାକୁ ପରିତ୍ୟାଗ କରିଦେଇଥିବେ। କାରଣ **ପ୍ରଥମତଃ** ଏହି ଘଟଣାବଳୀଗୁଡ଼ିକ ସେହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେଉଁଠି ତାହା ଘଟିଥିଲା ଆପତ୍ତିଯୋଗ୍ୟ ନୁହେଁ । ଯଦିବି ଅବଲୋକନ କରାଯାଏ ଯେ, ଏହିପରି ଉତ୍ତେଜିତ କରୁଛି, ଲୋକମାନଙ୍କୁ ଶାସକଙ୍କ ବିରୁଦ୍ଧରେ ଉସ୍‌କାଉଛି, ତେବେ ଯଦି ଏପରି ଘଟଣା ଘଟିଛି ତାହାହେଲେ କୌଣସି ଆପତ୍ତିଯୋଗ୍ୟ କଥା ନଥିଲା । ତେଣୁ ଏହା କହିବା ପ୍ରମାଦ ହେବ ଯେ, ଆଜ୍ଞା ଇତିହାସବିତ୍‌ମାନେ ହଦିସ୍‌ମାନଙ୍କରେ ଏଇଥିପାଇଁ ଚର୍ଚ୍ଚା କରି ନାହାନ୍ତି ଯେ, ଆଁହଜରତ ସ.ଅଙ୍କ ଉପରେ ଆପତ୍ତି ହୋଇଥାଆନ୍ତା । **ଦ୍ୱିତୀୟତଃ** ଯେଉଁ ବ୍ୟକ୍ତି ହଦିସ୍ ଏବଂ ଇତିହାସର ସାମାନ୍ୟ ଅଧ୍ୟୟନ ମଧ୍ୟ କରେ ସେହି ବ୍ୟକ୍ତି ଠାରୁ ଉକ୍ତ କଥା ଲୁଚି ପାରିବ ନାହିଁ ଯେ, ମୁସଲମାନ ମୁହଦ୍ଦିସିନ୍ ଓ ଇତିହାସବିତ୍‌ମାନେ କେବେ କୌଣସି ବର୍ଣ୍ଣନାର ଚର୍ଚ୍ଚା କରି କେବଳ ଏହି କାରଣରୁ ପରିତ୍ୟାଗ କଲେ ନାହିଁ ଯେ, ଏହା ଦ୍ୱାରା ଇସ୍‌ଲାମ୍ ଓ ଇସାଲମ୍ ଧର୍ମର ସଂସ୍ଥାପକଙ୍କ ଉପରେ ପ୍ରକାଶ୍ୟ ଆପତ୍ତି ହୋଇଥାଏ/ହେବ । ଏହାର କାରଣ ଏହିକି ଯେ, ସେମାନଙ୍କର ସ୍ୱୀକୃତ ଏବଂ ଅନୁସୃତ ସିଦ୍ଧ ପନ୍ଥା ଏହା ଥିଲା ଯେ, ଯେଉଁ ପ୍ରସଙ୍ଗକୁ ସେମାନେ ବର୍ଣ୍ଣନାତ୍ମକ ଦୃଷ୍ଟିରୁ ସଠିକ୍ ବୋଲି ମନେକରୁଥିଲେ ତାହାକୁ ଉଲ୍ଲେଖ କରିବାରେ ସେମାନେ ତା'ର ବିଷୟବସ୍ତୁ ଯୋଗୁଁ କଦାପି କୌଣସି ଟାଳଟୁଳ ଏବଂ ଅବହେଳା କରୁ ନଥିଲେ । ବରଂ ସେହି ମୁହଦ୍ଦିସିନ୍‌ମାନଙ୍କ ମଧ୍ୟରୁ କେତେକ ମୁହଦ୍ଦିସିନ୍ ଓ ଅନେକ ଇତିହାସବିତ୍‌ମାନଙ୍କର ଏହି ପନ୍ଥା ରହିଥିଲା ଯେ, ଆଁହଜରତ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କ ସଂକ୍ରାନ୍ତରେ ଯେଉଁ କଥା ବି ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଥିଲା । ସେ ପଛେ ଜ୍ଞାନାତ୍ମକ ଦୃଷ୍ଟିରୁ ହେଉ କି ବର୍ଣ୍ଣନାତ୍ମକ ଦୃଷ୍ଟିରୁ ହେଉ ଉଭୟ ଦୃଷ୍ଟିରୁ ଦୁର୍ବଳ ଏବଂ ଅବିଶ୍ୱାସଯୋଗ୍ୟ ହେଉ ତାହାକୁ ବିଶ୍ୱସ୍ତତାର ସହିତ ନିଜର କୋଷରେ ସ୍ଥାନ ଦେଉଥିଲେ ଏବଂ ଉକ୍ତ କଥାର ନିଷ୍ପତ୍ତି ପ୍ରଚେଷ୍ଟା କରୁଥିବା ବିଦ୍ୱାନ୍‌ମାନଙ୍କ ଉପରେ ଅବା ପରବର୍ତ୍ତୀ ଆଗମନକାରୀ ଗବେଷକମାନଙ୍କ ଉପରେ ଛାଡ଼ି ଦେଉଥିଲେ । କାରଣ ସେମାନେ ବର୍ଣ୍ଣନାତ୍ମକ ନିୟମ ଏବଂ ଜ୍ଞାନାତ୍ମକ ନିୟମାନୁଯାୟୀ ସଠିକ୍ ଏବଂ ସଳଖ ହେବାର ସ୍ୱୟଂ ନିର୍ଣ୍ଣନା କରି ନିଅନ୍ତୁ । ଏପରି କରିବାରେ ତାଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ ଏହା ଥିଲା ଯେ, କୌଣସି ପ୍ରସଙ୍ଗ ଯାହା ଆଁହଜରତ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନଙ୍କ ଆଡ଼କୁ ଇଙ୍ଗିତ ହୋଇଥାଏ ସେ ପଛେ ସଠିକ୍ ବୋଲି ଦୃଶ୍ୟମାନ ହେଉ ଅବା ଭୁଲ୍ ଦୃଶ୍ୟମାନ ହେଉ ତାହା ଏକତ୍ରିତ ହେବାରୁ ଯେପରି ବଞ୍ଚିତ ହୋଇ ନଯାଉ । ଏହି କାରଣରୁ ଇତିହାସର ପ୍ରାରମ୍ଭିକ ପୁସ୍ତକମାନଙ୍କରେ ପ୍ରତ୍ୟେକ ପ୍ରକାରର ଶୁଷ୍କ ଏବଂ ଆର୍ଦ୍ର ଭଣ୍ଡାରଜନିତ ପ୍ରସଙ୍ଗ ଏକତ୍ରିତ ହୋଇଯାଇଛି । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ, ସେହି ସବୁ ଆହଦିସ୍‌ଗୁଡ଼ିକ ସ୍ୱୀକାରଯୋଗ୍ୟ ଯୋଗ୍ୟ ଅଟନ୍ତି । ବରଂ ବର୍ତ୍ତମାନ ଆମମାନଙ୍କର ଏହି କର୍ତ୍ତବ୍ୟ ଯେ, ସେହି ହଦିସ୍‌ଗୁଡ଼ିକ ମଧ୍ୟରୁ ଦୁର୍ବଳ ହଦିସ୍‌କୁ ଦୃଢ଼ ହଦିସ୍ ମଧ୍ୟରୁ ପୃଥକ କରନ୍ତୁ । ସେ ଯାହା ହେଉ ନା କାହିଁକି ଉକ୍ତ କଥାରେ ତିଳେ ମାତ୍ର ସ୍ଥାନ ନାହିଁ ଯେ, କୌଣସି ମୁସଲମାନ ମୁହଦ୍ଦିସ୍‌ମାନେ କିମ୍ବା ଇତିହାସବିତ୍‌ମାନେ କେବେ କୌଣସି ବର୍ଣ୍ଣନାକୁ କେବଳ ଏହି କାରଣରୁ ରଦ୍ଦ କଲେ ନାହିଁ ଯେ, ସେହି ବର୍ଣ୍ଣନାଗୁଡ଼ିକ ପ୍ରକାଶ୍ୟ ରୂପେ ଆଁହଜରତ ସ.ଅ କିମ୍ବା ସାହାବାମାନଙ୍କ ମର୍ଯ୍ୟାଦା ବିରୁଦ୍ଧୀୟ ଅଟେ ଅବା ଏହି କାରଣରୁ ଆଁହଜରତ ସ.ଅ କିମ୍ବା ଇସ୍‌ଲାମ୍ ଧର୍ମ ଉପରେ କୌଣସି ଆପତ୍ତି ହୋଇଥାଏ । ସୁତରାଂ କାଆବ୍ ବିନ୍ ଅଶ୍ରଫ୍ ଓ ଅବୁ ରାଫେ ଇହୁଦୀର ବଧ ଘଟଣା ଯାହାକି ଅସ୍‌ମା ଓ ଅବୁ ଅଫ୍‌କାର ପରିକଳ୍ପିତ ଘଟଣାବଳୀ ଠାରୁ ସଂପୂର୍ଣ୍ଣ ରୂପେ ମିଶିଯାଇଥାଏ.........ହଦିସ୍ ଏବଂ ଇତିହାସର ସମସ୍ତ ପୁସ୍ତକମାନଙ୍କରେ ପୂର୍ଣ୍ଣ ବ୍ୟାଖ୍ୟା ଓ ବିସ୍ତୃତ ବିବରଣୀର ସହିତ ବର୍ଣ୍ଣିତ ହୋଇଛି । କୌଣସି ମୁସଲମାନ ବର୍ଣ୍ଣନାକାରୀ କିମ୍ବା ଇତିହାସବିତ୍ ସେମାନଙ୍କର ବର୍ଣ୍ଣନାକୁ ପରିତ୍ୟାଗ କରି ନାହାନ୍ତି। ଏହାକୁ ବାଦ୍‌ଦେଲେ ଇହୁଦୀ ଅସ୍‌ମା ଓ ଇହୁଦୀ ଅବୁ ଅଫ୍‌କାର ବଧର ଚର୍ଚ୍ଚା କୌଣସି ହଦିସ୍‌ରେ ନମିଳିବା କେବଳ ପ୍ରାରମ୍ଭିକ ଇତିହାସବିତ୍‌ମାନଙ୍କ ମଧ୍ୟରୁ ନୁହେଁ ବରଂ କେତେକ ଇତିହାସବିତ୍‌ଙ୍କର ଏଥି ସଂକ୍ରାନ୍ତରେ ନିରବ ରହିବା ଉକ୍ତ କଥାକୁ ପାଖାପାଖି ନିଶ୍ଚିତ ରୂପେ ଏହା ପ୍ରକାଶ କରିଥାଏ ଯେ, ଉକ୍ତ ଘଟଣାବଳୀଗୁଡ଼ିକ କୃତ୍ରିମ ଅଟନ୍ତି ଏବଂ କୌଣସି ପ୍ରକାରେ ଅନ୍ୟ ବର୍ଣ୍ଣନାଗୁଡ଼ିକରେ ଆସି ସାମିଲ୍ ହୋଇ ଇତିହାସର ଅଂଶବିଶେଷ ପାଲଟି ଯାଇଛନ୍ତି । ପୁନଶ୍ଚ ସେହି କାହାଣୀଗୁଡ଼ିକର ବିସ୍ତୃତ ବିବରଣୀର ଅଧ୍ୟୟନ ଯଦି କରାଯାଏ ତେବେ ସେହି କାହାଣୀଗୁଡ଼ିକର କୃତ୍ରିମତା ହେବା ଆହୁରି ନିସନ୍ଦେହାତ୍ମକ ହୋଇଯାଇଥାଏ । ଉଦାହରଣ ସ୍ୱରୂପ ଅସ୍‌ମାର କାହାଣୀରେ ଇବ୍‌ନେ ସାଆଦ୍ ଆଦିଙ୍କ ବର୍ଣ୍ଣନାରେ ବଧକାରୀଙ୍କ ନାମ ଉମୈର୍ ବିନ୍ ଅଦି ବୋଲି ବର୍ଣ୍ଣନା କରାଯାଇଛି । କିନ୍ତୁ ଏହାର ବିପରୀତ ଇବ୍‌ନେ ଦୁରୈଦ୍‌ର ବର୍ଣ୍ଣନାରେ ବଧକାରୀଙ୍କ ନାମ ଉମୈର୍ ବିନ୍ ଅଦି ନୁହେଁ ବରଂ ଗିଶମିର୍ ରହିଛି । ସୁହେଲି ସେହି ଦୁଇଟି ନାମକୁ ଭୁଲ ବୋଲି ବିବେଚିତ କରି ଏହା କୁହନ୍ତି ଯେ, ପ୍ରକୃତରେ ଅସ୍‌ମାକୁ ତା'ର ସ୍ୱାମୀ ହତ୍ୟା କରିଥିଲା । ଯାହାର ନାମ ବର୍ଣ୍ଣନାରେ ୟଜିଦ୍ ବିନ୍ ଜୈଦ୍ ବୋଲି ବର୍ଣ୍ଣିତ ହୋଇଛି । ପୁନଶ୍ଚ ଅନ୍ୟ କେତେକ ବର୍ଣ୍ଣନାରେ ଏହି ଉଲ୍ଲେଖ ରହିଛି ଯେ, ଉପରୋକ୍ତ ଲୋକମାନଙ୍କ ମଧ୍ୟରେ କେହି ବି ଅସ୍‌ମାର ହତ୍ୟାକାରୀ (ସଂହାରକର୍ତ୍ତା) ନଥିଲା । ବରଂ ଅସ୍‌ମାର ହତ୍ୟାକାରୀ ଜଣେ ଅଜ୍ଞାତ ବ୍ୟକ୍ତି ଥିଲା ଯେକି ସେହି ସଂପ୍ରଦାୟର ବ୍ୟକ୍ତି ଥିଲା । ମୃତକାର ନାମ ଇବ୍‌ନେ ସାଆଦ୍ ଆଦି ଅସ୍‌ମା ବିନତ୍ ମୁରୱାନ୍ ବୋଲି ବର୍ଣ୍ଣନା କରାଯାଇଛି । କିନ୍ତୁ ଅଲ୍ଲାମା ଇବ୍‌ନେ ଅବ୍‌ଦୁଲ୍ ବରଙ୍କ ଏହି କଥନ ଯେ, ସେହି ମୃତକା ଅସ୍‌ମା ବିନତ୍ ମୁରୱାନ୍ ନଥିଲା ବରଂ ବାସ୍ତବରେ ଉମୈର୍ ନିଜର ଭଉଣୀ ବିନ୍ତ୍ ଅଦିଙ୍କୁ ହତ୍ୟା କରିଥିଲେ। ହ. ଇବ୍‌ନେ ସାଆଦ୍ ହତ୍ୟାର ସମୟ ରାତ୍ରର ମଧ୍ୟବର୍ତ୍ତୀ ଭାଗ ବୋଲି ଉଲ୍ଲେଖ କରିଛନ୍ତି । କିନ୍ତୁ ଜର୍କାନୀର ବର୍ଣ୍ଣନାରୁ ଦିନ କିମ୍ବା ବେଶୀରୁ ବେଶୀ ରାତ୍ରର ପ୍ରାରମ୍ଭିକ ସମୟ ବୋଲି ସାବ୍ୟସ୍ତ ହୁଏ । କାରଣ ତହିଁରେ ଏହା ବର୍ଣ୍ଣନା କରାଯାଇଛି ଯେ, ନିହତ ହୋଇଥିବା ଅସ୍‌ମା ସେତେବେଳେ ଖଜୁରୀ କୋଳି ବିକ୍ରି କରୁଥିଲା । ହୁଜୁର ଅନୱର ଅ.ବ କହିଲେ, ଏହି ସମସ୍ତ ବିସ୍ତୃତ ବିବରଣୀ ମୁଁ ପୂର୍ବେ ମଧ୍ୟ ବର୍ଣ୍ଣନା କରି ସାରିଛି ।

ପୁନଶ୍ଚ ଦ୍ୱିତୀୟ ଘଟଣାଟି ଯାହାର ବର୍ତ୍ତମାନ ଚର୍ଚ୍ଚା ହେଉଅଛି ତାହା ଅବୁ ଅଫ୍‌କାର ବଧର ଘଟଣା । ଉକ୍ତ ଘଟଣାରେ ଇବ୍‌ନେ ସାଆଦ୍ ଏବଂ ୱାକିଦି ଆଦି ଇତିହାସବିତ୍‌ମାନେ ବଧକାରୀଙ୍କ ନାମ ସାଲିମ୍ ବିନ୍ ଉମୈର୍ ବୋଲି ଉଲ୍ଲେଖ କରିଛନ୍ତି । କିନ୍ତୁ ଅନ୍ୟ କେତେକ ବର୍ଣ୍ଣନାରେ ତା'ଙ୍କର ନାମ ସାଲିମ୍ ବିନ୍ ଅମ୍ର ବର୍ଣ୍ଣିତ ହୋଇଛି । ଇବ୍‌ନେ ଉକ୍‌ବା ସାଲିମ୍ ବିନ୍ ଅବ୍‌ଦୁଲ୍ଲାଃ ବୋଲି ବର୍ଣ୍ଣନା କରିଛନ୍ତି। ସେହିପରି ଅବୁ ଅଫ୍‌କାର ମୃତ୍ୟୁ ସଂକ୍ରାନ୍ତରେ ଇବ୍‌ନେ ସାଆଦ୍ ଉଲ୍ଲେଖ କରିଛନ୍ତି ଯେ, ଅବୁ ଅଫ୍‌କା ଇହୁଦୀ ବ୍ୟକ୍ତି ଥିଲା । କିନ୍ତୁ ୱାକିଦି ଅବୁ ଅଫ୍‌କାକୁ ଇହୁଦୀ ବୋଲି ଉଲ୍ଲେଖ କରନ୍ତି ନାହିଁ । ପୁନଶ୍ଚ ଇବ୍‌ନେ ସାଆଦ୍ ଏବଂ ୱାକିଦି ଦୁହିଁଙ୍କ ଠାରୁ ଏହା ଜ୍ଞାତ ହୁଏ ଯେ, ସାଲିମ୍ ସ୍ୱୟଂ ଉତକ୍ଷିପ୍ତ ହୋଇ ଅବୁ ଅଫ୍‌କାର ବଧ କରିଦେଇଥିଲେ। କିନ୍ତୁ ଏକ ବର୍ଣ୍ଣନାରେ ଏହା ବର୍ଣ୍ଣନା କରାଯାଇଛି ଯେ, ଅବୁ ଅଫ୍‌କାକୁ ଆଁହଜରତ ସ.ଅଙ୍କ ପରାମର୍ଶ କ୍ରମେ ବଧ କରାଯାଇଥିଲା । ଅବୁ ଅଫ୍‌କାର ବଧ ହେବାର ସମୟ କାଳ ସଂକ୍ରାନ୍ତରେ ମଧ୍ୟ ଇବ୍‌ନେ ସାଆଦ୍ ଓ ୱାକିଦିଙ୍କ ଅବୁ ଅଫ୍‌କାକୁ ଅସ୍‌ମାଙ୍କ ବଧ ହେବା ପରେ ବୋଲି ଉଲ୍ଲେଖ କରନ୍ତି । କିନ୍ତୁ ଇବ୍‌ନେ ଇସ୍‌ହାକ୍ ଓ ଅବୁ ରବିଇ ଅବୁ ଅଫ୍‌କାକୁ ଅସ୍‌ମାର ବଧ ହେବା ଠାରୁ ପୂର୍ବେ ବର୍ଣ୍ଣନା କରିଛନ୍ତି। ଉକ୍ତ ବିବାଦାସ୍ପଦ ବାକ୍ୟଟି ସେହି କଥା ସଂକ୍ରାନ୍ତରେ ଆହୁରି ସନ୍ଦେହକୁ ଆହୁରି ଘନୀଭୂତ କରିଦେଇଥାଏ ଯେ, ଉକ୍ତ ଘଟଣାବଳୀଗୁଡ଼ିକ ନକଲି ଏବଂ କୃତ୍ରିମ ଅଟନ୍ତି କିମ୍ବା ଯଦି ଘଟଣାବଳୀରେ କୌଣସି ବାସ୍ତବତା ଓ ସତ୍ୟାସତ୍ୟ ରହିଛି ତେବେ ତାହା ଏପରି ଲୁକ୍କାୟିତ ହୋଇ ରହିଛି ଯେ, ଆମେ ଏହା କହିପାରିବା ନାହିଁ ଯେ, ସେଗୁଡ଼ିକ କ'ଣ ଏବଂ କେଉଁ ପ୍ରକାରର ଘଟଣାବଳୀ ଓ ବର୍ଣ୍ଣନା ଅଟନ୍ତି ।

ଉପରୋକ୍ତ ଘଟଣାବଳୀଗୁଡ଼ିକ ଭୁଲ ହେବାର ଆଉ ପ୍ରମାଣ ଏହିକି ଯେ,

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଉପରୋକ୍ତ ଉଭୟ ଘଟଣାର ସମୟକାଳ ହେଉଛି ସେହି ସମୟ, ଯାହା ସଂପର୍କରେ ସମସ୍ତ ଇତିହାସବିତ୍‌ମାନେ ଏକମତ ଅଟନ୍ତି । କାରଣ ସେତେବେଳ ପର୍ଯ୍ୟନ୍ତ ମୁସଲମାନ ଏବଂ ଇହୁଦୀମାନଙ୍କ ମଧ୍ୟରେ କୌଣସି କଳହ କିମ୍ବା ବିବାଦ ଦେଖା ଦେଇ ନଥିଲା । ସୁତରାଂ ଇତିହାସରେ ବନି କୈନକା ଯୁଦ୍ଧ ସଂପର୍କରେ ଉକ୍ତ କଥା ସ୍ୱୀକୃତ ସ୍ୱରୂପ ବର୍ଣ୍ଣିତ ହୋଇଛି ଯେ, ମୁସଲମାନମାନଙ୍କ ଏବଂ ଇହୁଦୀମାନଙ୍କ ମଧ୍ୟରେ ଏହା ପ୍ରଥମ ଯୁଦ୍ଧ ଥିଲା ଯାହାକି ସଂଘଟିତ ହୋଇଥିଲା ଏବଂ ବନୁ କୈନ୍‌କା ସଂପ୍ରଦାୟ ପ୍ରଥମ ଇହୁଦୀ ସଂପ୍ରଦାୟ ଥିଲା ଯିଏ ଇସ୍‌ଲାମ୍ ଧର୍ମର ଶତ୍ରୁତା ଆଚରଣ ପ୍ରଦର୍ଶନ କରିବାରେ ବ୍ୟବହାରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ସୁତରାଂ ଏହା କିପରି ସ୍ୱୀକାର କରାଯାଇ ପାରିବ ଯେ, ଉକ୍ତ ଯୁଦ୍ଧ ପୂର୍ବେ ଇହୁଦୀମାନଙ୍କ ମଧ୍ୟରେ ଏବଂ ମୁସଲମାନମାନଙ୍କ ମଧ୍ୟରେ ରକ୍ତପାତ ହୋଇସାରିଥିଲା ଏବଂ ପୁନଶ୍ଚ ଯଦି ବନୁ କୈନ୍‌କା ପୂର୍ବରୁ ଏପରି ଘଟଣା ଘଟାଇ ସାରିଥିଲା ତେବେ ଏହା ଅସମ୍ଭବ ଥିଲା ଯେ, ଉକ୍ତ ଯୁଦ୍ଧର କାରଣଗୁଡ଼ିକ ବର୍ଣ୍ଣନା କରିବାରେ ସେହି ଘଟଣାଗୁଡ଼ିକର ଚର୍ଚ୍ଚା ହୁଅନ୍ତା ନାହିଁ । ଯେତେବେଳେ ଯୁଦ୍ଧର କାରଣଗୁଡ଼ିକ ବର୍ଣ୍ଣନା କରାଗଲା ସେତେବେଳେ ଏହି ଘଟଣାବଳୀ ଗୁଡ଼ିକର ଚର୍ଚ୍ଚା ହୁଅନ୍ତା ନାହିଁ । ଏହା ଉଲ୍ଲେଖ କରାଯାଇ ଥାଆନ୍ତା ଯେ, ଏହିପରି ଆମମାନଙ୍କର ଏହି ଦୁଇଟି ବଧ ମଧ୍ୟ ହୋଇଥିଲା । ଅନ୍ତତଃ ଏହା ଜରୁରୀର ଥିଲା କି ଇହୁଦୀ ଲୋକମାନେ ଯେଉଁମାନେ ଉକ୍ତ ଘଟଣାକୁ କେନ୍ଦ୍ର କରି ମୁସଲମାନମାନଙ୍କ ବିରୁଦ୍ଧରେ ଏକ ପ୍ରକାଶ୍ୟ ଢଙ୍ଗରେ ଆପତ୍ତି ସୃଷ୍ଟି କରିପାରି ଥାଆନ୍ତେ । ଅର୍ଥାତ୍ ମୁସଲମାନମାନେ ଇହୁଦୀମାନଙ୍କ ସହିତ ବ୍ୟବାହରିକ ରୂପେ ଆଗେ ଉତ୍ପୀଡ଼ନ ତଥା ହଇରାଣ ହର୍କତ୍ କରିଥିଲେ । ତେଣୁ ଇହୁଦୀମାନେ ଉକ୍ତ ଘଟଣା ସଂପର୍କରେ ବିଳାପ ଓ ରୋଦନ କରିପାରି ଥାଆନ୍ତେ। ଯଦି କୌଣସି ଇତିହାସ ପୁସ୍ତକରେ ଏପର୍ଯ୍ୟନ୍ତକି ସ୍ୱୟଂ ଇତିହାସବିତ୍‌ମାନଙ୍କ ଗ୍ରନ୍ଥରେ ଅର୍ଥାତ୍ ଇତିହାସବିତ୍‌ମାନେ ଉକ୍ତ ଘଟଣାଟିକୁ ବର୍ଣ୍ଣନା କରିଛନ୍ତି ସେମାନଙ୍କ ପୁସ୍ତକରେ କଦାପି ଏହି ଘଟଣାର ଚର୍ଚ୍ଚା ହୁଅନ୍ତା ନାହିଁ ଯେ, ମଦିନାର ଇହୁଦୀମାନେ କେବେ କୌଣସି ଏପରି ଆପତ୍ତି କରିଥିବେ ଓ ଯଦି କୌଣସି ବ୍ୟକ୍ତି ମନରେ ଏହି ଚିନ୍ତା ସୃଷ୍ଟି ହୁଏ କି ସମ୍ଭବତଃ ଇହୁଦୀମାନେ ଆପତ୍ତି କରିଥାଇ ପାରନ୍ତି । କିନ୍ତୁ ମୁସଲମାନ ଇତିହାସବିତ୍‌ମାନେ ଏହାର ଚର୍ଚ୍ଚା କରି ନଥାଇ ପାରନ୍ତି, ତେବେ ଏହା ଏକ ପ୍ରମାଦ ଏବଂ ଭିତ୍ତିହୀନ ଚିନ୍ତାଧାର ହେବ । କାରଣ ଯେପରିକି ବର୍ଣ୍ଣନା ହୋଇଯାଇଛି ଯେ, କେବେ ବି କୌଣସି ମୁସଲମାନ ମୁହଦ୍ଦିସ୍ (ହଦିସ୍‌ର ବିଦ୍ୱାନ୍) କିମ୍ବା ଇତିହାସବିତ୍ ବିରୋଧୀଙ୍କର କୌଣସି ଆପତ୍ତି ଉପରେ ପରଦା ପକାଇଲେ ନାହିଁ । ସୁତରାଂ ଉଦାହରଣ ସ୍ୱରୂପ ଯେତେବେଳେ ସରିୟା ନଖ୍‌ଲାର ଘଟଣାରେ ମକ୍କାର ମୁସରିକିନ୍‌ମାନେ ମୁସଲମାନମାନଙ୍କ ବିରୁଦ୍ଧରେ ପବିତ୍ର ମାସର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବାର ଦୋଷାରୋପଣ କଲେ ସେତେବେଳେ ମୁସଲମାନ ଇତିହାସବିତ୍‌ମାନେ ବିଶ୍ୱସ୍ତତାର ସହିତ ସେମାନଙ୍କର ଏହି ଆପତ୍ତିଗୁଡ଼ିକୁ ନିଜର ପୁସ୍ତକମାନଙ୍କରେ ଉଲ୍ଲେଖ କରିଦେଲେ ବା ସ୍ଥାନିତ କରିଦେଲେ । ସୁତରାଂ ଯଦି ଇତ୍ୟବସରରେ ଇହୁଦୀଙ୍କ ପକ୍ଷରୁ କୌଣସି ଆପତ୍ତି ମଧ୍ୟ ହେଲା ତେବେ ଇତିହାସ ଉକ୍ତ ଘଟଣାରୁ ଶୂନ୍ୟ ହୋଇ ନଥାଆନ୍ତା । ଅତଃ ଯେକୌଣସି ଦୃଷ୍ଟିରୁ ବି ଯଦି ଅବଲୋକନ କରାଯାଏ ତେବେ ଏହି ଘଟଣାବଳୀ ପ୍ରମାଣିତ ହୁଏ ନାହିଁ । ଏପରି ପ୍ରତିତ ହେଉଛି ଯେ, ସମ୍ଭବତଃ ଇସଲାମ୍ ଧର୍ମର କୌଣସି ଗୁପ୍ତ ଶତ୍ରୁ କୌଣସି ମୁସଲମାନ ଆଡ଼କୁ ଇଙ୍ଗିତ କରି ଏହି ଘଟଣାବଳୀ ଗୁଡ଼ିକୁ ବର୍ଣ୍ଣନା କରିଦେଇଥିଲା ଏବଂ ପୁନଶ୍ଚ ତାହା ମୁସଲମାନମାନଙ୍କର ବର୍ଣ୍ଣନାରେ ପ୍ରବିଷ୍ଟ ହୋଇଯାଇଥିଲା କିମ୍ବା କୌଣସି ଦୁର୍ବଳ ମୁସଲମାନ ନିଜ ସଂପ୍ରଦାୟ ଆଡ଼କୁ ଏହି ମିଥ୍ୟା ଘଟଣାଟି ଇଙ୍ଗିତ କରିବା ନିମନ୍ତେ ଅବା ନିଜ ସଂପ୍ରଦାୟ ସହିତ ସଂପର୍କ ରଖିଥିବା ବ୍ୟକ୍ତିମାନେ କେତେକ ଅନିଷ୍ଟ ଅବିଶ୍ୱାସକାରୀଙ୍କୁ ହତ୍ୟା କରିଥିଲା । ଉକ୍ତ ବର୍ଣ୍ଣନାଗୁଡ଼ିକୁ ଇତିହାସରେ ପ୍ରବିଷ୍ଟ କରିଦେଲେ । **ୱଲ୍ଲାହୁ ଆଲମୁ** (ପ୍ରଭୁ ହିଁ ସର୍ବଜ୍ଞ ଅଟନ୍ତି) ।

ଏହା ହେଉଛି ସେହି ପ୍ରକୃତ ସତ୍ୟ ଯାହାକି ସେହି ଘଟଣାବଳୀରୁ ଜ୍ଞାତ ହୋଇଥାଏ। କିନ୍ତୁ ଯେପରିକି "ପୂର୍ବେ"........ଇଙ୍ଗିତ କରାଯାଇଛି ଯଦି ଉକ୍ତ ଘଟଣାବଳୀ ସଠିକ୍ ବି ହୁଏ ତେବେ ମଧ୍ୟ ସେହି ପରିସ୍ଥିତିକୁ ଦେଖି ଯେଉଁ ପରିସ୍ଥିତି ଅଧୀନ ତାହା ଘଟିଥିଲା ତାହା ଆପତ୍ତି ଯୋଗ୍ୟ ବୋଲି ବିଚାର କରାଯାଇପାରିବ ନାହିଁ । ସେହି ଦିନମାନଙ୍କରେ ମୁସଲମାନମାନଙ୍କର ଯେଉଁ ସନ୍ଧିକ୍ଷଣ ଅବସ୍ଥା ରହିଥିଲା ତାହାର ଚର୍ଚ୍ଚା......କରାଯାଇ ସାରିଛି । ସେମାନଙ୍କର ଅବସ୍ଥା ଠିକ୍ ସେହି ବ୍ୟକ୍ତି ପରି ହେଉଥିଲା। ଅର୍ଥାତ୍ ଯେଉଁ ବ୍ୟକ୍ତି ଏପରି ଏକ ସ୍ଥାନରେ ଚତୁର୍ପାର୍ଶ୍ୱରୁ ଘେରି ହୋଇଯାଏ, ସେହି ବ୍ୟକ୍ତିର ଚତୁର୍ପାର୍ଶ୍ୱରେ ଦୂର ଦୂର ପର୍ଯ୍ୟନ୍ତ ଭୟଙ୍କର ଅଗ୍ନି ସ୍ଫୁଲିଙ୍ଗ ଏବଂ ବିସ୍ତାରିତ ହୋଇଥିବ ଏବଂ ସେହି ବ୍ୟକ୍ତି ନିମନ୍ତେ ଉକ୍ତ ଅଗ୍ନିରୁ ନିସ୍ତାର ଅର୍ଥାତ୍ ବାହାରକୁ ବାହାରିବାର କୌଣସି ବାଟ ନଥିବ । ପୁନଶ୍ଚ ସେହି ବ୍ୟକ୍ତି ନିକଟରେ ମଧ୍ୟ ସେହି ଲୋକମାନେ ଛିଡ଼ା ହୋଇଥିବେ ଯିଏ ତା'ର ପ୍ରାଣର ଶତ୍ରୁ ଅଟନ୍ତି । ମୁସଲମାନମାନଙ୍କର ଏପରି ସନ୍ଧିକ୍ଷଣ ମୁହୂର୍ତ୍ତରେ ଯଦି କୌଣସି ଉପଦ୍ରବୀ ଓ ବଦ୍‌ମାଶ ବ୍ୟକ୍ତି ସେମାନଙ୍କର ଅଧିପତି ଏବଂ ସ୍ୱାମୀଙ୍କ ବିରୁଦ୍ଧରେ ଉତ୍ତେଜକମୂଳକ କବିତା କହି ଲୋକମାନଙ୍କୁ ସ୍ୱାମୀ ତଥା ଅଧିପତିଙ୍କ ବିରୁଦ୍ଧରେ ଉସ୍‌କାଏ ଓ ସେମାନଙ୍କର ଅଧିପତିଙ୍କୁ (ଅର୍ଥାତ୍ ମାଲିକ ଓ ଅଧିପତିଙ୍କୁ) ହତ୍ୟା କରିବା ନିମନ୍ତେ ଶତ୍ରୁକୁ ପ୍ରରୋଚିତ କରେ ତେବେ ସେହି କାଳର ପରିସ୍ଥିତି ଅନୁଯାୟୀ ସେହି ଉପଦ୍ରବୀ ଏବଂ ଅନିଷ୍ଟକାରୀ ବ୍ୟକ୍ତିକୁ ହତ୍ୟା ଅର୍ଥାତ୍ ସେହି ବ୍ୟକ୍ତିର ସଂହାର ବା ବଧ କରି ଦିଆଯାଉଥିଲା । ପୁନଶ୍ଚ ଉକ୍ତ ସଂହାର ମଧ୍ୟ ମୁସଲମାନମାନଙ୍କ ପକ୍ଷରୁ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ହୋଇଥିଲା । ଯେଉଁ ପରିସ୍ଥିତିରେ ସାଧାରଣ ହତ୍ୟା ମଧ୍ୟ କିସ୍ସାସ୍ (ପ୍ରତିହିଂସାତ୍ମକ ପ୍ରତିଶୋଧ) ନିମନ୍ତେ ଯୋଗ୍ୟ ବୋଲି ମନେକରାଯାଉ ନଥିଲା । ସୁତରାଂ ମିଷ୍ଟର ମାର୍ଗୋଲିସ୍ ଭଳି ବ୍ୟକ୍ତି ପ୍ରାଚ୍ୟ ତତ୍ତ୍ୱବିତ୍ (Orientalist) ଅଟନ୍ତି । ସେ ପ୍ରତ୍ୟେକ ପ୍ରସଙ୍ଗରେ ବିପରୀତାତ୍ମକ ପକ୍ଷକୁ ଅବଲମ୍ବନ କରନ୍ତି । ସେ ସେହି ଘଟଣାବଳୀ ଯୋଗୁଁ ମୁସଲମାନମାନଙ୍କୁ ନିନ୍ଦା କରନ୍ତି ନାହିଁ । ସୁତରାଂ ମିଷ୍ଟର ମାର୍ଗୋଲିସ ଉଲ୍ଲେଖ କରନ୍ତି: " ଯଦିଓ ଅସ୍‌ମା ନିଜର କବିତାବଳୀ ଅର୍ଥାତ୍ ଯେଉଁ କବିତାବଳୀ ତା' ଆଡ଼କୁ ଇଙ୍ଗିତ କରାଯାଇଛି ସେହି କବିତାମାନଙ୍କରେ ସେ ମୁହମ୍ମଦ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଶତ୍ରୁମାନଙ୍କୁ ଜାଣିଶୁଣି ଉସ୍‌କାଉଥିଲା । ସେଇଥି ପାଇଁ ଅସ୍‌ମାର ବଧକୁ ସଂସାରର କୌଣସି ସ୍ତର ଅନୁଯାୟୀ ଜଜ୍ (ବିଚାର) କରାଯାଏ ତେବେ ଏହାକୁ ଏକ ଭିତ୍ତିହୀନ ଏବଂ ଅତ୍ୟାଚାରମୂଳକ କୃତ୍ୟ ବୋଲି ମନେକରାଯାଇ ପାରିବ ନାହିଁ । ପୁନଶ୍ଚ ଉକ୍ତ କଥାକୁ ସ୍ମରଣ ରଖିବା ଉଚିତ୍ ଯେ, ଉତ୍ତେଜକମୂଳକ ସେହି ପନ୍ଥା ଯାହାକି ମର୍ଯ୍ୟାଦା କ୍ଷୁର୍ଣ୍ଣକାରୀ କବିତାବଳୀ ଆକାରରେ ଅବଲମ୍ବନ କରାଗଲା ତାହା ଆରବ ଭଳି ଦେଶରେ ଅନ୍ୟ ରାଷ୍ଟ୍ର ସଂପର୍କରେ ଅତ୍ୟଧିକ ଭୟଙ୍କର ପରିଣାମ ସୃଷ୍ଟି କରିପାରୁଥିଲା....... ଏବଂ ଉକ୍ତ କଥାଟି ଯେ, କେବଳ ଅଭିଯୁକ୍ତମାନଙ୍କ ବଧ କରାଗଲା ଏହା ଆରବ୍ୟ ପ୍ରଚଳିତ ପ୍ରଥାନୁଯାୟୀ ଏକ ବହୁତ ବଡ଼ ସଂଶୋଧନ ଥିଲା । କାରଣ ଯିଏ ଅଭିଯୁକ୍ତ ଥିଲା କେବେ ତା'ର ହିଁ ବଧ କରାଗଲା । ଅନ୍ୟ ଲୋକମାନଙ୍କର ବଧ କରାଗଲା ନାହିଁ। କାରଣ ଆରବ୍ୟବାସୀଙ୍କ ମଧ୍ୟରେ ଉତ୍ତେଜକ କବିତା ଯୋଗୁଁ କେବଳ ସଦସ୍ୟ ପର୍ଯ୍ୟନ୍ତ ପ୍ରସଙ୍ଗ ସୀମିତ ରହୁ ନଥିଲା । ବରଂ ସାଲିମ୍ ସଂପ୍ରଦାୟରେ ଭୟଙ୍କର ଯୁଦ୍ଧର ଅଗ୍ନି ପ୍ରଜ୍ୱଳିତ ହୋଇଯାଉଥିଲା । ତା' ସ୍ଥାନରେ ଇସ୍‌ଲାମ୍ ଧର୍ମରେ ଏହି ସଠିକ୍ ନୀତି ପ୍ରତିଷ୍ଠିତ କରାଗଲା ଯେ, ଅପରାଧର ଶାସ୍ତି କେବଳ ଅପରାଧୀକୁ ହିଁ ମିଳିବା ଉଚିତ୍, ନା କି ତା' ଆତ୍ମୀୟ ସ୍ୱଜନମାନଙ୍କୁ ଶାସ୍ତି ମିଳୁ ।"

ମିଷ୍ଟର ମାର୍ଗୋଲିସଙ୍କୁ ଯଦି ସେହି ସଂହାର ସଂପର୍କରେ କୌଣସି ଆପତ୍ତି ରହିଛି ତେବେ ଉକ୍ତ ପନ୍ଥା ଯୋଗୁଁ ଆପତ୍ତି ରହିଛି ଯାହାକି ଅବଲମ୍ବନ କରାଯାଇଛି । ଅର୍ଥାତ୍ ସେହି ଅଭିଯୁକ୍ତମାନଙ୍କର ଅପରାଧର ନିୟମିତ ଭାବରେ ଘୋଷଣା କରାଯାଇ ସେମାନଙ୍କୁ ନିୟମାନୁସାରେ ମୃତ୍ୟୁଦଣ୍ଡ କାହିଁକି ଦିଆଯାଇ ନଥିଲା ? ସୁତରାଂ ଉକ୍ତ ପ୍ରଶ୍ନର **ପ୍ରଥମ** ଉତ୍ତର ଏହିକି ଯେ, ଯଦି ସେହି ଘଟଣାବଳୀକୁ ସଠିକ୍ ବୋଲି ମନେକରାଯାଏ ତେବେ ତାହା ସ୍ୱଳ୍ପ ମୁସଲମାନମାନଙ୍କର କେବଳ ବ୍ୟକ୍ତିଗତ କୃତ୍ୟ ଥିଲା ଯାହାକି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ସମ୍ପାଦିତ ହୋଇଥିଲେ ଏବଂ ଆଁହଜରତ ସ.ଅ ଏଥି ନିମନ୍ତେ କୌଣସି ଆଦେଶ ଦେଇ ନଥିଲେ । ଯେପରିକି ଇବ୍‌ନେ ସାଆଦ୍‌ଙ୍କ ବର୍ଣ୍ଣନାରୁ ନିଃସନ୍ଦେହ ରୂପେ ଦେଖିବାକୁ ମିଳିଥାଏ । **ଦ୍ୱିତୀୟ**- ଯଦିବି ଏହାକୁ ଅର୍ଥାତ୍ ବଧ କରିବାକୁ ଆଁହଜରତ ସ.ଅଙ୍କ ଆଜ୍ଞା ବୋଲି ମନେକରାଯାଏ ତେବେ ମଧ୍ୟ ନିଃସନ୍ଦେହ ରୂପେ ସେହି ଯୁଗର ଏପରି ପରିସ୍ଥିତି ଥିଲା ଯେ, ଯଦି ଅସ୍‌ମା ଓ ଅବୁ ଅଫ୍‌କାର ବଧ ସଂକ୍ରାନ୍ତରେ ନିୟମିତ ରୂପେ ନିୟମାନୁଯାୟୀ ପନ୍ଥା ଅବଲମ୍ବନ କରାଯାଇଥାଆନ୍ତା ଓ ଅଭିଯୁକ୍ତମାନଙ୍କର ଆତ୍ମୀୟ ସ୍ୱଜନମାନଙ୍କୁ ସମୟ ପୂର୍ବେ ସୂଚନା ପ୍ରାପ୍ତ ହୋଇଯ ।ଇଥାଆନ୍ତା ଯେ, ଆମର ଲୋକମାନଙ୍କୁ ବଧ କରାଯିବ ତେବେ ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ହୋଇପାରି ଥାଆନ୍ତା । ତେଣୁ ଉକ୍ତ କଥାର ଆଶଙ୍କା ରହିଥିଲା ଯେ, ଏହି ଘଟଣାବଳୀଗୁଡ଼ିକ ମୁସଲମାନ ଏବଂ ଇହୁଦୀ ଓ ସେହିପରି ମୁସଲମାନ ତଥା ମଦିନାର ମୁସରିକିନ୍‌ମାନଙ୍କ ମଧ୍ୟରେ ଏକ ବ୍ୟାପକ ଯୁଦ୍ଧର ଅଗ୍ନିକୁ ସ୍ଫୁଲିଙ୍ଗ ଏବଂ ପ୍ରଜ୍ୱଳିତ କରିଦେଇ ଥାଆନ୍ତା । ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଲ୍ଲେଖ କରନ୍ତି: "ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟକର କଥା ଯେ, ମିଷ୍ଟର ମାର୍ଗୋଲିସ୍ ଯେଉଁଠି କେବଳ ହତ୍ୟାର କୃତ୍ୟକୁ ଆରବର ବିଶେଷ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ପରିସ୍ଥିତି ମୁତାବକ ବୈଧ ବୋଲି ବିବେଚିତ କରୁଛନ୍ତି ସେଠାରେ ବଧର (ସଂହାର) ପନ୍ଥା ସଂକ୍ରାନ୍ତରେ ସେମାନଙ୍କର ଦୃଷ୍ଟି ସେତେବେଳେ ବିଶେଷ ପରିସ୍ଥିତି ପର୍ଯ୍ୟନ୍ତ କାହିଁକି ପହଞ୍ଚିଲା ନାହିଁ ? ସେ (ମାର୍ଗୋଲିସ୍) ଉକ୍ତ ପକ୍ଷରେ ମଧ୍ୟ ସେତେବେଳର ପରିସ୍ଥିତିକୁ ଦୃଷ୍ଟି ସମ୍ମୁଖରେ ରଖି ଥାଆନ୍ତେ ତେବେ ପ୍ରାୟତଃ ତାଙ୍କୁ ବିଶ୍ୱାସ ହୋଇଯାଇ ଥାଆନ୍ତା ଯେ, ଅସ୍‌ମା ଓ ଅବୁ ଅଫ୍‌କରା ସଂହାର ନିମନ୍ତେ ଯେଉଁ ପନ୍ଥା ଅବଲମ୍ବନ କରାଯାଇଛି ତେବେ ତାହା ଠିକ୍ ଥିଲା । ତାହା ହିଁ ସେତେବେଳର ପରିସ୍ଥିତି ଏବଂ ସାଧାରଣ ଶାନ୍ତି ତଥା ସୌହାର୍ଦ୍ଦ୍ୟର ସ୍ୱାର୍ଥ ସକାଶେ ଉଚିତ୍ ଏବଂ ଆବଶ୍ୟକ ଥିଲା । କିନ୍ତୁ ବ୍ୟବହାରିକ ରୂପେ ତ' ସେପରି ହୋଇ ନାହିଁ ।"

ସମସ୍ତ କଥନର ସାରାଂଶ ଏହିକି ଯେ, ପ୍ରଥମତଃ ଇହୁଦୀ ଅସ ଅସ୍‌ମା ଓ ଅବୁ ଅଫ୍‌କରା ସଂହାର ମା ଓ ଇହୁଦୀ ଅବୁ ଅଫ ଅସ୍‌ମା ଓ ଅବୁ ଅଫ୍‌କରା ସଂହାର ଘଟଣା ବର୍ଣ୍ଣନାତ୍ମକ ଓ ଜ୍ଞାନାତ୍ମକ ସଠିକ୍ ବୋଲି ପ୍ରମାଣିତ ହେଉ ନାହିଁ । ଯଦି ଉଭୟ ଘଟଣାକୁ ସଠିକ୍ ବୋଲି ମନେକରି ନିଆଯାଏ ତେବେ ସେହି ଘଟଣା ସେତେବେଳର ପରିସ୍ଥିତି ଅନୁଯାୟୀ ଆପତ୍ତି ଯୋଗ୍ୟ ବୋଲି ମନେକରାଯାଇ ପାରିବ ନାହିଁ । ଉକ୍ତ ବଧର ଯେଉଁ ପରିସ୍ଥିତି ବି ହେଉ ନା କାହିଁକି ତାହା କେତେକ ମୁସଲମାନମାନଙ୍କର ବ୍ୟକ୍ତିଗତ କୃତ୍ୟ ଥିଲା ଯାହାକି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ଓ ଉତ୍ତେଜନାପୂର୍ଣ୍ଣ ଅବସ୍ଥାରେ ସେମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଆଁହଜରତ ସ.ଅ ଅସ୍‌ମା ଓ ଅବୁ ଅଫ୍‌କାର ସଂହାର ସଂପର୍କରେ ମୁସଲମାନ ଏବଂ ସାହାବାମାନଙ୍କୁ ଆଦେଶ ଦେଇ ନ ଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ହ.ସାହିବଜାଦ୍ ମିର୍ଜା ବଶୀର୍ ଅହେମଦ ସାହେବ ଏମ୍. ଏ ର.ଅ, ପୃ-446-451)**

ଆଁହଜରତ ସ.ଅଙ୍କ ଉପରେ ଏହି ଦୋଷାରୋପଣ କରିବା କି ଆପଣ ସ.ଅ ହିଁ ଅସ୍‌ମା ଓ ଅବୁ ଅଫ୍‌କାର ସଂହାର କରିବା ନିମନ୍ତେ ସାହାବିଙ୍କୁ ଆଦେଶ ଦେଇଥିଲେ ଯେ, ଯାଅ ହେ ସାହାବି ! ଅସ୍‌ମା ଓ ଅବୁ ଅଫ୍‌କାର ସଂହାର୍ କରିଦିଅ । ଏହି ସମସ୍ତ କଥାଗୁଡ଼ିକ ମନଗଢ଼ା ଓ କପୋଳ କଳ୍ପିତ ଅଟନ୍ତି ଯାହାକି ଆଁହଜରତ ସ.ଅଙ୍କ ଆଡ଼କୁ ଇଙ୍ଗିତ କରାଯାଇଛି । ସେହି ଇତିହାସବିତ୍‌ମାନେ ଯାହାସବୁ ଉଲ୍ଲେଖ କରିଛନ୍ତି, ସେ ସଂପର୍କରେ ପରବର୍ତ୍ତୀ ଇତିହାସବିତ୍‌ମାନେ ଉକ୍ତ ଘଟଣାର ସତ୍ୟାସତ୍ୟ ଓ ସମୀକ୍ଷା କରିଥାଆନ୍ତେ । କିନ୍ତୁ ସେମାନେ ତାହା କଲେ ନାହିଁ ।

ଅଲ୍ଲାଃତାଲାଙ୍କର ଏହା ଅଶେଷ ଅଶେଷ କୃତଜ୍ଞତା ଏବଂ ଉପକାର କି ସେ ଆମମାନଙ୍କୁ ସାଂପ୍ରତିକ କାଳରେ ଯୁଗାବତାର ତଥା ଧର୍ମାଧକ୍ଷ ହ. ମସିହ୍ ଉଦ୍ ଅ.ସଙ୍କୁ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଆମମାନେ ପ୍ରତ୍ୟେକ କଥା ଅବଲୋକନ ତଥା ଉପଲବ୍ଧି କରି, ପରଖି, ଉକ୍ତ ଘଟଣାର ବାସ୍ତବତାକୁ ମର୍ମେ ମର୍ମେ ଅନୁଭବ ଓ ହୃଦୟଙ୍ଗମ କରି ପୁନରାୟ ବର୍ଣ୍ଣନା କରିବା ପାଇଁ ଉଦ୍ୟମ କରିଥାଉ। ଆଁହଜରତ ସ.ଅଙ୍କ ଅସ୍ତିତ୍ୱ ଉପରେ ଯେତେବେଳେ କୌଣସି ପ୍ରକାରର ଲାଞ୍ଛନା ତଥା ଆରୋପ ଲଗାଇବାକୁ ଉଦ୍ୟମ କରାଯାଇଥାଏ ସେତେବେଳେ ତାହାକୁ ଖଣ୍ଡନ ବା ରଦ୍ଦ କରିବାକୁ ଆମେମାନେ (ଜମାଅତ୍ ଅହେମଦିୟା) ଉଦ୍ୟମ କରିଥାଉ । ଅଲ୍ଲାଃତାଲା ସେହି ବିଦ୍ୱାନ୍‌ମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଦିଅନ୍ତୁ ଯେଉଁମାନେ ଏହି କଥାକୁ ପ୍ରଚଳନ କରି ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରିଥାଆନ୍ତି ଏବଂ ଇସ୍‌ଲାମ୍ ଧର୍ମକୁ ବଦ୍‌ନାମ କରିବା ନିମନ୍ତେ ଉଦ୍ୟମ କରୁଛନ୍ତି । କହିବାକୁ ଗଲେ ସେମାନେ ଏକ ପକ୍ଷରେ ଇସ୍‌ଲାମ୍ ଧର୍ମର ସେବା କରୁଛନ୍ତି । କିନ୍ତୁ ବାସ୍ତବରେ ସେମାନଙ୍କର କର୍ମ ହିଁ ସେମାନଙ୍କ ମଧ୍ୟରେ କ୍ରୁରତା ଏବଂ ଚରମ ତଥା ଉଗ୍ର ପନ୍ଥା ସୃଷ୍ଟି କରିଦେଇଛି । ଅଲ୍ଲାଃତାଲା ଏମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା ମଧ୍ୟ କରିଦେବି । ତନ୍ମଧ୍ୟରୁ ପ୍ରଥମ ମୃତକ ହେଲେ ସ୍ୱର୍ଗତ ପ୍ରଫେସର ଡାକ୍ତର ଅହେମଦ ନାସିର୍ ଖାନ ସାହେବ । ଆପଣ ପର୍‌ୱେଜ୍ ପରୱାଜି ନାମରେ ଖ୍ୟାତ ଥିଲେ । ବିଗତ ଦିନରେ କାନାଡ଼ାରେ 87 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି। إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ ।

ଆପଣ କାଦିଆନ ଠାରେ ଜନ୍ମଗ୍ରହଣ କରିଥିଲେ । ଆପଣଙ୍କ ପିତାଶ୍ରୀଙ୍କ ନାମ ମୌଲାନା ଅହେମଦ ଖାନ୍ ନସିମ ସାହେବ ଥିଲା । ଆପଣ ଅଙ୍କ ପିତାଶ୍ରୀ ମୁବଲ୍ଲିଗ୍ ସିଲସିଲା ଥିଲା । ସେ ଦୀର୍ଘ କାଳ ପର୍ଯ୍ୟନ୍ତ ଅତିରିକ୍ତ ସ୍ଥାନୀୟ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ଭାବରେ ଦାୟିତ୍ୱ ତୁଲାଇଥିଲେ । ସେ ଦବଙ୍ଗ୍ ଟାଇପ୍‌ର ବ୍ୟକ୍ତି ଥିଲେ । ସେ ଜମାଅତକୁ ଭଲ ଭାବରେ ଅର୍ଗାନାଇଜ୍ (ଶୃଙ୍ଖଳିତ) କରିଥିଲେ ।

ପ୍ରଫେସର ନାସିର୍ ସାହେବଙ୍କ ମାତାଶ୍ରୀ ନାମ ରହେମତ୍ ବିବି ଥିଲା । ପ୍ରଫେସର ନାସିର ଅହେମଦ ଓରଫ୍ ପର୍‌ୱେଜ୍ ପର୍‌ୱାଜି ସାହେବ କାଦିଆନ୍‌ରେ ପ୍ରାରମ୍ଭିକ ଶିକ୍ଷା ପ୍ରାପ୍ତ କରିଥିଲେ । ପୁନଶ୍ଚ ମ୍ୟାଟ୍ରିକ ପରେ ସେ ମହାବିଦ୍ୟାଳୟ (କଲେଜ)ରେ ଆଡ଼ମିଶନ ନେଇ ନଥିଲେ । କାରଣ ତାଲିମୁଲ୍ ଇସ୍‌ଲାମ୍ କଲେଜ୍ ସେତେବେଳେ ଲାହୋରରେ ଥିଲା । ପୁନଶ୍ଚ ଯେତେବେଳେ କଲେଜ୍ ରବ୍‌ୱାକୁ ସ୍ଥାନାନ୍ତରିତ ହେଲା ସେତେବେଳେ ସେ ସେଠାରେ ଆଡ଼ମିଶନ ନେଲେ । 1958 ମସିହାରେ ବି.ଏ ଅନର୍ସ ରଖି ଡିଗ୍ରୀ ପ୍ରାପ୍ତ କଲେ । 1960 ମସିହାରେ ୟୁନିଭର୍ସିଟି ଓରିଏଣ୍ଟାଲ କଲେଜରୁ ଏମ.ଏ ଡିଗ୍ରୀ ପ୍ରାପ୍ତ କଲେ ଏବଂ 1968 ମସିହାରେ ଉର୍ଦ୍ଦୁରେ ଏମ.ଏ କରିବା ପରେ ଅଧ୍ୟାପକ ଭାବରେ ଆପଣ ନିଯୁକ୍ତ ହୋଇଥିଲେ । ପର୍‌ୱେଜ୍ ପର୍‌ୱାଜି ସାହେବଙ୍କ ଅଧ୍ୟାପନାର ପ୍ରାରମ୍ଭ ଦେଶର ସରକାରୀ କଲେଜ ମୁଜଫ୍ଫର ଗଡ଼ରେ କରିଥିଲେ । ଏହାପରେ ସେ ସାହିତ୍ୟିକ ଗତିବିଧିରେ ଭାଗ ନେବା ଆରମ୍ଭ କଲେ। ଅଲ୍‌ଫଜଲ୍‌ରେ, ମାସିକ୍ ମିସ୍‌ବାହ୍‌ରେ, ଖାଲିଦ୍ ଇତ୍ୟାଦିରେ ତାଙ୍କର ବିଷୟବସ୍ତୁ ତଥା ରଚନାମାନେ ପ୍ରକାଶିତ ହେଉଥିଲା । ସେହିପରି କବିତା ଲେଖନୀ ପ୍ରତି ତାଙ୍କର ଗଭୀର ଅଭିରୁଚି ରହିଥିଲା । ସେ ଜଣେ ଭଲ କବି ଥିଲେ ଏବଂ ଭଲ କବିତା ମଧ୍ୟ କହିଥିଲେ । ଯେତେବେଳେ ରବ୍‌ୱାରେ ତାଲିମୁଲ୍ ଇସ୍‌ଲାମ୍ କଲେଜ୍ ନିର୍ମିତ ହୋଇଗଲା ସେତେବେଳେ ନିଜକୁ ୱକ୍‌ଫ କରି 1961 ମସିହାରେ ରବ୍‌ୱା ଚାଲି ଆସିଲେ । 1969 ମସିହା ପର୍ଯ୍ୟନ୍ତ ଆପଣ ଅଧ୍ୟାପକ ରୂପେ କାର୍ଯ୍ୟ କରିଥିଲେ । 1969 ମସିହାରୁ 1975 ମସିହା ପର୍ଯ୍ୟନ୍ତ ତାଲିମୁଲ୍ ଇସ୍‌ଲାମ୍ କଲେଜ ରବ୍‌ୱରେ ଆପଣ ଉର୍ଦ୍ଦୁ ବିଭାଗର ବିଭାଗୀୟ ମୁଖ୍ୟ ରୂପେ ନିଯୁକ୍ତ ହୋଇଥିଲେ ଏବଂ ଦାୟିତ୍ୱ ତୁଲାଇଥିଲେ । 1975 ମସିହାରୁ 1979 ମସିହା ପର୍ଯ୍ୟନ୍ତ ଓସାକା ୟୁନିଭର୍ସିଟି ଅଫ ଫରେନ୍ ଷ୍ଟଡ଼ିଜ୍ (Osaka University of Foreign Studies)ଜାପାନ ସହିତ ସୁସଂପର୍କ ସ୍ଥାପନ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିଥିଲେ । ଟୋକିଓରେ ଜମାଅତ୍‌ର ସ୍ଥାପନ ସଂକ୍ରାନ୍ତରେ ମଧ୍ୟ ସେ ସାହାଯ୍ୟ କରିଥିଲେ ଏବଂ ଜମାଅତ୍ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ରହିଥିଲା । 1979 ମସିହାରେ ମହୋଦୟ ପର୍‌ୱାଜି ସାହେବ ପାକିସ୍ତାନ ଫେରି ଆସିଲେ । ପୁନଶ୍ଚ ପାକିସ୍ତାନରେ ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ଆପଣ ଆସିଷ୍ଟାଣ୍ଟ ପ୍ରଫେସର (ସହକାରୀ ଅଧ୍ୟାପକ) ଭାବରେ ଛାତ୍ରମାନଙ୍କୁ ପାଠ ପଢାଇଥିଲେ । 1986 ମସିହାରୁ 1990 ପର୍ଯ୍ୟନ୍ତ ଆପଣ ଫୈସଲାବାଦ୍‌ର ସରକାରୀ କଲେଜ୍‌ରେ ଜଣେ ସହକାରୀ ଅଧ୍ୟାପକ ଭାବରେ ଅଧ୍ୟାପନା ଦେଇଥିଲେ । ଅହେମଦି ହେବା ଯୋଗୁଁ ଆପଣଙ୍କୁ ସାଂପ୍ରତିକ କାଳରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପରିଶେଷରେ ଆପଣ ଗିରଫ ହୋଇଯାଇଥିଲେ । ଏହାପରେ ଆପଣ ସବୁକିଛି ଛାଡ଼ି ୟୁ.କେ ଚାଲି ଆସିଥିଲେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଖଲିଫା ରାବେ ର.ଅଙ୍କ ଆଦେଶ କ୍ରମେ ସ୍ୱିଡ଼େନ୍ ପ୍ରବାସ କଲେ ଏବଂ ସେଠାରେ 1991 ମସିହାରୁ 2001 ମସିହା ପର୍ଯ୍ୟନ୍ତ ସ୍ୱିଡ଼େନ୍‌ର ଉପସାଲା ବିଶ୍ୱବିଦ୍ୟାଳୟ (Uppsala University)ରେ ଜଣେ ଅଧ୍ୟାପକ ହିସାବରେ ସେବା କରିଥିଲେ । ଏତଦ୍‌ପରେ ଆପଣ 2003 ମସିହାରେ କାନାଡ଼ା ପ୍ରବାସ କଲେ । ପୃଥବୀର ସାହିତ୍ୟିକଙ୍କ ମହଲ୍‌ରେ ଏବଂ ଶିକ୍ଷାବିତଙ୍କ ମହଲରେ ଆପଣଙ୍କର ଯଥେଷ୍ଟ ଖ୍ୟାତି ରହିଥିଲା । ତାଙ୍କର ପତ୍ନି ଅମତୁଲ୍ ମଜିଦ୍ ସାହେବା ବିନ୍ତ୍ ମୌଲବୀ ମୁହମ୍ମଦ୍ ଅହେମଦ ଜଲିଲ୍ ସାହେବ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କୁ ଦୁଇଟି ପୁତ୍ର ସନ୍ତାନ ଏବଂ ତିନୋଟି କନ୍ୟା ସନ୍ତାନ ପ୍ରଦାନ କରିଛନ୍ତି ।

ସ୍ୱର୍ଗତାଙ୍କର ପତ୍ନି କୁହନ୍ତି, 63 ବର୍ଷ ପର୍ଯ୍ୟନ୍ତ ମୋର ଓ ସ୍ୱାମୀଙ୍କ ମଧ୍ୟରେ ଅତୁଟ ସଂପର୍କ ରହିଥିଲା । ପ୍ରତ୍ୟେକ ଛୋଟ ବଡ଼ କଥା, ଦୁଃଖ ସୁଖରେ, ଅଭାବ ଅନାଭାବ ପରିସ୍ଥିତରେ ମଧ୍ୟ ସେ ମୋର ସାଥ୍ ଦେଇଥିଲେ । କାରଣ ମୁଁ ଅଭିଭାବଙ୍କର ଜ୍ୟୋଷ୍ଟ କନ୍ୟା ଥିଲି ଏବଂ ମୁଁ ରବ୍‌ୱାରେ ହିଁ ରହୁଥିଲି । ସ୍ୱର୍ଗତ ସ୍ୱାମୀ (ପ୍ରଫେସର ପର୍‌ୱାଜି ସାହେବ ମଧ୍ୟ) କେବେ ମୋତେ ଅଭିଭାବକଙ୍କର ସେବା କରିବାରୁ ଅଟକାଇ ନଥିଲେ । ବରଂ ମୋ ଠୁ ବେଶୀ ସେମାନଙ୍କର ଯତ୍ନ ନେଇଥିଲେ । ସ୍ୱାମୀ ମହୋଦୟଙ୍କ ମୋର ସମସ୍ତ ସଂପର୍କୀୟ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସହିତ ଅର୍ଥାତ୍ ଶ୍ୱଶୁର ପରିବାର ବର୍ଗଙ୍କ ସହିତ ମଧ୍ୟ ସଦ୍‌ବ୍ୟବହାର ଥିଲା । ସଂପର୍କୀୟ ଏବଂ ଆତ୍ମୀୟ ସ୍ୱଜନମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ଇତ୍ୟାଦି ସେ ଜଣେ ଆଦର୍ଶବାନ୍ ବ୍ୟକ୍ତି ଥିଲେ । ସେ ସଂପର୍କୀୟମାନଙ୍କ ସହିତ ଅତ୍ୟନ୍ତ ନିଷ୍ଠା ଓ ପ୍ରେମପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ ଏବଂ ସେମାନଙ୍କର ପ୍ରତ୍ୟେକ ସୁଖ ଦୁଃଖ, ହସଖୁସିରେ ସେ ସାମିଲ୍ ହେଉଥିଲେ ।

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ସ୍ୱର୍ଗତ ନାସିର୍ ଅହେମଦ ସାହେବ ଓରଫ୍ ପରୱେଜ ପରୱାଜି ସାହେବଙ୍କ ସୁପୁତ୍ର ତାହିର୍ ଅହେମଦ ଖାନ୍ ସାହେବ କୁହନ୍ତି । ପିତାଶ୍ରୀଙ୍କ ମୁଖରେ ଯେକୌଣସି ପରିସ୍ଥିତି ଓ ଯେକୌଣସି ଅବସ୍ଥାରେ ସ୍ମିତହାସ୍ୟତା ପ୍ରକାଶିତ ହେଉଥିଲା । ଖିଲାଫତେ ଅହେମଦିୟା ସହିତ ସର୍ବଦା ନୈଷ୍ଠିକ ପ୍ରେମ କରୁଥିଲେ ଏବଂ ପ୍ରାଣ ବାୟୁ ଥିବା ପର୍ଯ୍ୟନ୍ତ ମୋ (ହଜୁର ଅନୱର୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ସହିତ) ସହିତ ତାଙ୍କର ସହିତ ଯୋଗଯୋଗମୂଳକ ସଂପର୍କ ରହିଥିଲା ଏବଂ ସେ ମୋତେ ଦୁଆ ନିମନ୍ତେ ନିବେଦନ କରୁଥିଲେ । ବିଗତ ଦିନମାନଙ୍କରେ ଯେତେବେଳେ ଡାକ୍ତରମାନେ ହାତ ଟେକି ଦେଇଥିଲେ ଏବଂ ହାତ ଦ୍ୱାରା ଲେଖିବା ମଧ୍ୟ ତାଙ୍କ ପକ୍ଷେ କଷ୍ଟକର ହୋଇ ପଡ଼ିଥିଲା ସେତେବେଳେ ସେ ମୋତେ ସନ୍ଦେଶ ପ୍ରେରଣ କରୁଥିଲେ । ପୁନଶ୍ଚ ବେଳେବେଳେ ଭଗ୍ନ ଏବଂ ଅସୁନ୍ଦର ଲେଖନୀରେ ସ୍ୱହସ୍ତରୁ ନିଜ ଶଯ୍ୟାରୁ ଶୋଇଥିବା ଅବସ୍ଥାରେ ହିଁ ଦୁଆ ନିମନ୍ତେ ମୋତେ ପତ୍ର ପ୍ରେରଣ କରୁଥିଲେ । ହୁଜୁର ଅନୱର୍ ଅ.ବ କହିଲେ, ପରୱାଜି ସାହେବଙ୍କ ମୋ ସହିତ ନିଷ୍ଠାପୂର୍ଣ୍ଣ ଓ ବିଶ୍ୱସ୍ତତାମୂଳକ ସଂପର୍କ ଥିଲା । ତାଙ୍କର ସୁପୁତ୍ର ଉଲ୍ଲେଖ କରନ୍ତି ଯେ, ଜାପାନ୍‌ରେ ଅବସ୍ଥାନ କାଳରେ ପିତାଶ୍ରୀଙ୍କୁ ଇନ୍‌ସାଇକ୍ଲୋପିଡ଼ିଆର ପୁରସ୍କାର ପ୍ରାପ୍ତ ହେଲା । ଏହା ସେହି କାଳରେ ଏକ ବଡ଼ ପୁରସ୍କାର ହେଉଥିଲା । ସୁତରାଂ ସେହି ଇନ୍‌ସାଇକ୍ଲୋପିଡ଼ିଆକୁ ପରୱାଜି ସାହେବ ଖିଲାଫତ୍ ଲାଇବ୍ରେରୀରେ ଦାନ କରି ଦେଇଥିଲେ । 1980 ମସିହା ଦଶକରେ ପିତାଶ୍ରୀଙ୍କୁ ସାହାତ୍ୟ ସୃଜନୀ ପାଇଁ ଅଲ୍ଲାମା ଇକ୍‌ବାଲ୍ ଗୋଲ୍ଡ୍ ମେଡ଼ାଲ୍ ଫର୍ ଲିଟ୍ରେଚର ଦ୍ୱାରା ସମ୍ମାନିତ ମଧ୍ୟ କରାଗଲା । କିନ୍ତୁ ଅହେମଦି ହେବା ଯୋଗୁଁ ତାଙ୍କ କାର୍ଯ୍ୟକ୍ରମ ତଥା ସମାରୋହକୁ ଡକାଯାଇ ନଥିଲା ଏବଂ ତାଙ୍କର ମେଡ଼ାଲ (ପଦକ) ତାଙ୍କ ଘରକୁ ପଠାଇ ଦିଆଯାଇଥିଲା ।

ପରୱେଜ୍ ପରୱାଜି ସାହେବଙ୍କ ସୁପୁତ୍ରୀ ଅମତୁଲ୍ ୱଦୁଦ୍ କୁହନ୍ତି ପିତାଶ୍ରୀ ପବିତ୍ର କୁରଆନ୍ କରୀମ୍ ପ୍ରତି ଗଭୀର ଆସକ୍ତ ଥିଲେ । ଅହରହ ଭାବରେ ସଂପୂର୍ଣ୍ଣ ସିପାରାହ୍‌ର ତିଲାୱତ୍ କରୁଥିଲେ । ମୋତେ ଯେତେବେଳେ କୌଣସି ବିଷୟବସ୍ତୁ କିମ୍ବା ଭାଷଣ ନିମନ୍ତେ କୌଣସି ପ୍ରାମାଣ୍ୟର ଆବଶ୍ୟକତା ପଡୁଥିଲା ସେତେବେଳେ ପିତାଶ୍ରୀ ଗୋଟିଏ ମିନିଟ୍‌ରେ ହିଁ କହି ଦେଉଥିଲେ ଯେ, ଅମକ ସୁରାଃରର ଅମକ ଆୟତରେ ଖୋଜିନିଅ । ଅମତୁଲ୍ ୱଦୁଦ୍ ସାହେବ୍ ପୁନଶ୍ଚ କୁହନ୍ତି, ଆମ ପିତାଶ୍ରୀ ଆମମାନଙ୍କୁ ଖିଲାଫତ୍ ସହିତ ପ୍ରେମ କରିବା ସଂପର୍କରେ ଶିକ୍ଷା ଦେଇଥିଲେ । Confidence (ବିଶ୍ୱାସ) ଦେଲେ ଯେ, ନିଜ ମନର କଥା ବର୍ଣ୍ଣନା କରିପାରିବି ଓ ଉପସ୍ଥତି ଖଲିଫାଙ୍କ ସହିତ ସଂପର୍କ ସ୍ଥାପନ କରିପାରିବି । ପରୱାଜି ସାହେବଙ୍କର ଦ୍ୱିତୀୟ କନ୍ୟା ସାଦିୟା ସାହେବା କୁହନ୍ତି: "ପିତାଶ୍ରୀ ଖିଲାଫତ୍ ନିମନ୍ତେ ପାଗଳ ଥିଲେ । ସର୍ବଦା ତାଙ୍କର କଥନରେ ଏବଂ ଚାଲି ଚଳଣ ଓ ଆଚାର ବ୍ୟବହାରରେ ଖିଲାଫତେ ଅହେମଦିୟା ନିମନ୍ତେ ଅତ୍ୟନ୍ତ ଗଭୀର୍ ପ୍ରେମ, ଆନ୍ତରୀକତା ଏବଂ ସମ୍ମାନ ଦେଖିଅଛି । ଆମେ ସର୍ବଦା ଦେଖୁଥିଲୁ ଯେ, ଆମର ପିତାଶ୍ରୀ କାମ ପୂର୍ବରୁ ଉପସ୍ଥିତ ଖଲିଫାଙ୍କୁ ପତ୍ର ଲେଖୁଥିଲେ । ଦୁଆ ନିମନ୍ତେ ନିବେଦନ କରୁଥିଲେ ଏବଂ ରୋଗର ଶେଷ ଦିନମାନଙ୍କରେ ମଧ୍ୟ ଯେତେବେଳେ ଡାକ୍ତର ଆସି ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ସମ୍ବେଦନଶୀଳତା ପ୍ରକାଶ କଲେ, ନିରାଶାଜନକ କଥା କହିଲେ, ସେତେବେଳେ ଡାକ୍ତର ପରୱାଜି ସାହେବଙ୍କ ରୁମରୁ ବାହାରିବା ମାତ୍ରେ ସେ ମୋତେ କହିଲେ, କାଗଜ କଲମ ଆଣ ଏବଂ ଥରୁଥିବା ହାତରୁ ଦୁଆ କରିବା ନିମନ୍ତେ ସେ ମୋତେ ପତ୍ର ଲେଖିଲେ, । ଯେପରିକି ମୁଁ ପୂର୍ବେ ମଧ୍ୟ ଚର୍ଚ୍ଚା କରି ସାରିଛି ଯେ, ସ୍ୱର୍ଗତ ନାସିର୍ ଅହେମଦ ପରୱେଜ ପରୱାଜି ସାହେବ ମୋତେ ପତ୍ର ଲେଖୁଥିଲେ । ସେ ସଦ୍‌କା (ଦାନ ଧର୍ମ) କରୁଥିଲେ । ଯେତିକି ଅର୍ଥ ହେଉଥିଲା ସେତିକି ସଦ୍‌କା ଦେଇ ଦେଉଥିଲେ ।"

ଜଫର ମେହ୍‌ମୁଦ ସାହେବଙ୍କ ସୁପୁତ୍ରୀ ତଥା ସ୍ୱର୍ଗତଙ୍କ ନାତୁଣୀ ନାଏଲା ମେହ୍‌ମୁଦ ସାହେବା କୁହନ୍ତି, ମୁଁ ନିଜ ନନାଙ୍କ ମାଧମରେ ଦେଖିଛି ଏବଂ ଶିଖିଛି ଯେ, ବିଶ୍ୱାସ କ'ଣ ଓ ଅଲ୍ଲାଃତାଲାଙ୍କ ସହିତ ପ୍ରକୃତ ପ୍ରେମ କିପରି ଦୃଶ୍ୟମାନ ହୋଇଥାଏ ? ସେ କୁହନ୍ତି, ମୁଁ ଆପଣଙ୍କ ଅବସ୍ଥା ଏବଂ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଅହରହ ଶାହାଦତ୍ ଆଙ୍ଗୁଠି (କଉ ଆଙ୍ଗୁଠି) ଉଠାଇ ଉଠାଇ ବାରମ୍ବାର ଅଲ୍ଲାଃତାଲାଙ୍କୁ ମନରୁ **ଅଲ୍‌ହମ୍‌ଦୁ ଲିଲ୍ଲାଃ ଅଲ୍‌ହମ୍‌ଦୁଲିଲ୍ଲାଃ** କହିବା ଯୋଗୁଁ ଆଶ୍ଚର୍ଯ୍ୟଚକିତ ହୋଇଯାଉଥିଲି । ଶେଷ ସମୟ ପର୍ଯ୍ୟନ୍ତ ମଧ୍ୟ ନିରନ୍ତର **ଅଲ୍‌ହମ୍‌ଦୁଲିଲିଲାଃ** ପାଠ କରୁଥିଲେ । ସେ କୁହନ୍ତି, ନନା (ଅଜା)ଙ୍କ ପ୍ରେମକୁ ଦେଖି ମୋ ହୃଦୟରେ ଏକ ଅଗ୍ନି ସ୍ଫୁଲିଙ୍ଗ ହୋଇଛି । ଅଲ୍ଲାଃତାଲା, ପବିତ୍ର କୁରଆନ୍ କରୀମ୍, ଖିଲାଫତ୍ ପ୍ରତି ଯେଭଳି ନିଷ୍ଠାପୂର୍ଣ୍ଣ ପ୍ରେମ ତାଙ୍କ ମନରେ ରହିଥିଲା ସେହିପରି ପ୍ରେମ ମୋତେ ମଧ୍ୟ ପ୍ରାପ୍ତ ହୋଇଯାଉ । ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

**ଦ୍ୱିତୀୟ ଯନାଜାଃ** ହେଉଛି ରବ୍‌ୱାର ସମ୍ମାନନୀୟ ସ୍ୱର୍ଗତ ଶରୀଫ୍ ଅହେମଦ ସାହେବ, ପିତା-ଅମୀର୍ ଖାନ୍ ସାହେବ ଭଟ୍ଟିଙ୍କର । ତାଙ୍କର ମଧ୍ୟ ବିଗତ ଦିନରେ ଅକାଳ ବିୟୋଗ ଘଟିଛି । اِنَّا لِلّٰهِ وَاِنَّاۤ اِلَيْهِ رَاجِعُوْنَ । ସ୍ୱର୍ଗତ ଶରୀଫ୍ ସାହେବ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ, ଦୁଇଜଣ ପୁତ୍ର ଏବଂ ଦୁଇ ଜଣ କନ୍ୟା ସନ୍ତାନ ରହିଛନ୍ତି । ଗୋଟିଏ ପୁତ୍ର ହିଫାଜତେ ମର୍କଜ୍‌ରେ କାର୍ଯ୍ୟରତ ଅଟନ୍ତି । ଦ୍ୱିତୀୟ ପୁତ୍ର ତାହିର ଭଟ୍ଟି ସାହେବ ସେରାଲିଓନ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ଭାବରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଉଛନ୍ତି ।

ତାଙ୍କ ସୁପୁତ୍ର ତାହିର୍ ଭଟ୍ଟି ସାହେବ ଯେକି ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ସେ ଉଲ୍ଲେଖ କରନ୍ତି: "ପିତାଶ୍ରୀ ବର୍ଣ୍ଣନା କରୁଥିଲେ ଯେ, ଯେତେବେଳେ ପଣ୍ଡିତ ଲେଖରାମର ହତ୍ୟାର ଭବିଷ୍ୟବାଣୀ ପୂର୍ଣ୍ଣ ହେଲା ସେତେବେଳେ ତାଙ୍କର ପିତାଶ୍ରୀ ସମ୍ମାନନୀୟ ଅମୀର୍ ଖାନ୍ ସାହେବ ଭଟ୍ଟି ବହୁ ଛୋଟ ପିଲା ଥିଲେ । ଅମୀର୍ ଖାନ ସାହେବଙ୍କ କଥନ ଅନୁଯାୟୀ ସେହି ଭବିଷ୍ୟବାଣୀ ପୂର୍ଣ୍ଣ ହେବା ଫଳରେ ତାଙ୍କ ମନରେ ଅହେମଦିୟତ୍‌ର ସତ୍ୟତା ବସା ବାନ୍ଧି ନେଲା । କିନ୍ତୁ ଛୋଟ ବାଳକ ଥିବା ହେତୁ କାଦିଆନ୍ ଯିବା ଏବଂ ବୈଅତ୍ କରିବାରୁ ବଞ୍ଚିତ ରହିଥିଲେ ଏବଂ ପରବର୍ତ୍ତୀ କାଳରେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ହସ୍ତର ବୈଅତ୍ କରି ଜମାଅତ୍ ଅହେମଦିୟାରେ ସାମିଲ୍ ହୋଇଗଲେ ।"

1974 ମସିହାରେ ଦେଖା ଦେଇଥିବା ସଂପ୍ରଦାୟିତ ଦଙ୍ଗା ଏବଂ ବିରୋଧୀମୂଳକ ପରିସ୍ଥିତି ହେତୁ ସେ ସେତେବେଳେ ଲାଲିୟାଁ ଠାରେ ରହୁଥିଲେ । ସେହି ସ୍ଥାନକୁ ଛାଡ଼ି ସେ ରବ୍‌ୱା ଆସିଗଲେ ଏବଂ ସେହିଠାରେ ସେ ବସତି ସ୍ଥାପନ କଲେ । ଟେକ୍ସଟାଇଲ୍ ମିଲ୍‌ରେ ସେ କାମ କରୁଥିଲେ । ସେ କେବେ ବି ନିଜର ଅହେମଦିୟତ୍‌କୁ ଲୁଚାଇ ନଥିଲେ । ଯେଉଁଠି ବି ଯାଉଥିଲେ ପ୍ରଥମ ଦିନରୁ ହିଁ ଲୋକମାନଙ୍କୁ କହି ଦେଉଥିଲେ ଯେ, ଆଜ୍ଞା ମୁଁ ଜଣେ ଅହେମଦି ବ୍ୟକ୍ତି ଅଟେ । ଯଦି ଆପଣମାନେ ମୋ ସହିତ ସଂପର୍କ ରଖିବାକୁ ଚାହୁଁଛନ୍ତି ତେବେ ରଖନ୍ତୁ । କାରଣ ମୁଁ ତ' ଅହେମଦି ହୋଇ ନିଜର ପରିଚୟ ପ୍ରଦାନ କରିବି । ତାଙ୍କର ଭାଇ ଲତିଫ୍ ଅହେମଦ ସାହେବ ଜର୍ମାନୀରେ ରୁହନ୍ତି, ସେ କୁହନ୍ତି, ଟେକ୍ସଟାଇଲ୍ ମିଲ୍‌ରେ ଭାଇ ଚାକିରୀ କରିଥିଲେ । ତେବେ ଜଣେ ଅହେମଦି ଶତ୍ରୁ ତାଙ୍କ ବିଭାଗକୁ ଆସିଲା ଏବଂ କହିବାକୁ ଲାଗିଲା ଯେ, ମୁଁ ଜାଣିବାକୁ ପାଇଲି ଯେ, ତୁମେ ଅହେମଦି ଅଟ । ପ୍ରତ୍ୟୁତ୍ତରରେ ଭାଇ ଶରୀଫ୍ ଅହେମଦ୍ ସାହେବ କହିଲେ, ହଁ ମୁଁ ଅହେମଦି ଅଟେ, କ'ଣ ହେଲା ସେଠୁ । ତେବେ ସେହି ବ୍ୟକ୍ତି ଜଣକ ହ. ମସିହ୍ ମଉଦ୍ ଅ.ସଙ୍କୁ ଅପଶବ୍ଦ କହିବାକୁ ଲାଗିଲା । ସେହି ବ୍ୟକ୍ତି ଜଣକ ଏହା କହିବାକୁ ଲାଗିଲା ଯେ, ବର୍ତ୍ତମାନ ଏହି ମିଲ୍‌ରେ ତୁମେ ରହିବ କିମ୍ବା ମୁଁ ରହିବି । ସେହି ଅହେମଦି ବିରୋଧୀ ବ୍ୟକ୍ତି ଜଣକ ମିଲ୍‌ର ମାଲିକଙ୍କୁ ମଧ୍ୟ ଉପଦ୍ରବ ତଥା ହିଂସା କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କଲା । ଭାଇ ସେହି ମୁହୂର୍ତ୍ତରେ ଦୁଆରେ ଲାଗି ପଡ଼ିଲେ ଯେ, ହେ ଅଲ୍ଲାଃ ତୁମ୍ଭେ ନିଜର ପ୍ରତିଶ୍ରୁତ ମସିହ୍‌ଙ୍କ ସକାଶେ ମୋତେ ସାହାଯ୍ୟ କର ଏବଂ ଏହି ଉପଦ୍ରବକୁ ପଣ୍ଡ କରିଦିଅ । ସେ କୁହନ୍ତି କିଛି ସମୟ ପରେ ମିଲ୍‌ର ଜଣେ ୱାର୍କର (କର୍ମୀ) ଆସି ତାଙ୍କୁ କହିଲା କି ଯେଉଁ ବ୍ୟକ୍ତି ଆପଣଙ୍କ ସହିତ ଦୁର୍ବ୍ୟବାହର କରୁଥିଲା ସେହି ବ୍ୟକ୍ତିକୁ ମିଲ୍ ବାହାରେ ଚିନ୍ତିତ ହୋଇ ବସିଛି । ମିଲ୍ ମାଲିକ ଏକ ସୌଦା ମଧ୍ୟରୁ ତା'ର ବଡ଼ ଚୋରି ଧରିଛନ୍ତି ଏବଂ ତା'କୁ ମିଲ୍‌ରୁ ବାହାର କରିଦେଇଛନ୍ତି ।

ସ୍ୱର୍ଗତ ଶରୀଫ୍ ସେହାବ ନିୟମିତ ତେହଜ୍ଜୁଦ୍ ନମାଜ ଏବଂ ପାଞ୍ଚବେଳା ନମାଜ ପାଠ କରୁଥିଲେ ଏବଂ ସର୍ବଦା ଦୁଆରେ ନିମଗ୍ନ ରହୁଥିଲେ । ଜମାଅତ୍‌ର ଲିଟ୍ରେଚରକୁ ବହୁଳ ରୂପେ ପାଠ କରୁଥିଲେ ଏବଂ ଅବସର ନେବା ପରେ ତ' ଆହୁରି ଅଧିକ ପାଠ କରିବାକୁ ଆରମ୍ଭ କରିଦେଲେ । ତାଙ୍କ ମୁଣ୍ଡ ପାଖରେ ସର୍ବଦା ଜମାଅତ୍‌ର କୌଣସି ନା କୌଣସି ପୁସ୍ତକ ଅବଶ୍ୟ ବିଦ୍ୟମାନ ରହୁଥିଲା । ଆପଣ ସେହି ପୁସ୍ତକର ଅଧ୍ୟୟନରେ ନିମଜ୍ଜିତ ରହୁଥିଲେ । ଯେତେବେଳେ ବି ଖିଲାଫତ୍‌ଏ ଅହେମଦିୟତ୍ ପକ୍ଷରୁ କୌଣସି ଦୁଆର ଆହ୍ୱାନ ହେଉଥିଲା ସେତେବେଳେ ସେହି ଆହ୍ୱାନରେ ଆପଣ ତୁରନ୍ତ ନିମଜ୍ଜିତ ହୋଇଯାଉଥିଲେ । ସେ ଅତ୍ୟଧିକ ଭାବରେ ଦୁରୁଦ୍ ଶରୀଫ୍ ପାଠ କରୁଥିଲେ । ତାଙ୍କର ମୁବଲ୍ଲିଗ୍ ପୁତ୍ର କୁହନ୍ତି, "ମୁଁ ଯେତେବେଳେ ବିଦ୍ୟାଳୟରେ ଥିଲି ସେତେବେଳେ ପିତାଶ୍ରୀ ମୋତେ କହୁଥିଲେ, ପୁତ୍ର ! ତୁମେ ସ୍କୁଲରୁ ଯେତେବେଳେ ଚାଲିଆସ ସେତେବେଳେ ଦୁରୁଦ୍ ଶରୀଫ୍ ପାଠ କର


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଏବଂ ଭଚ୍ଚି ସାହେବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ମୁଁ ଦିନରେ ସହସ୍ରରୁ ଉର୍ଦ୍ଧ୍ୱ ଥର ଦୁରୁଦ୍ ଶରୀଫ୍ ପାଠ କରିଥାଏ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତିଙ୍କୁ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ତୃତୀୟ ଯନାଜାଃ ହେଉଛି ପ୍ରଫେସର ଅବଦ୍ଦୁଲ୍ କାଦିର୍ ଡାହିରି ସାହେବଙ୍କର । ଆପଣ ଜିଲ୍ଲା ନୱାବ୍ ଶାହ୍ ଜିଲ୍ଲାର ଅମୀର୍ ଜମାଅତ୍ ଥିଲେ । 92 ବର୍ଷ ବୟସେର ସ୍ୱର୍ଗତଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ ।

ସ୍ୱର୍ଗତଙ୍କର ସୁପୁତ୍ର ସମର୍ ଅହେମଦ ସାହେବ ଉଲ୍ଲେଖ କରନ୍ତି, ଆମ ବଂଶରେ ଅହେମଦିୟତ୍ ଆମ ପିତାଶ୍ରୀ ସ୍ୱର୍ଗତ ରଇସ୍ ମୁହମ୍ମଦ୍ ମୋକିମ୍ ଖାନ୍ ଡାହିରି ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ଅବଦ୍ଦୁଲ୍ କାଦିର୍ ସାହେବ ଅତ୍ୟନ୍ତ ସାହସୀ ଓ ସତ୍ୟବାଦୀ ତଥା ଜଣେ ସଙ୍କୋଚ ବ୍ୟକ୍ତି ଥିଲେ । ସ୍ୱର୍ଗତ ଅବଦ୍ଦୁଲ୍ କାଦିର୍ ସାହେବଙ୍କ ସୁପୁତ୍ର ଉଲ୍ଲେଖ କରନ୍ତି ଯେ, ସମାଜରେ ନିଷ୍ପେଷିତ ଶ୍ରେଣୀ ସହିତ ଉଠା ବସା କରିବାରେ କୌଣସି ଦ୍ୱିଧାଗ୍ରସ୍ତ ଅନୁଭବ କରୁ ନଥିଲେ । କାରଣ ସେଠାରେ ତ' ପ୍ରଥାନୁଯାୟୀ ନିମ୍ନ ବର୍ଗଙ୍କ ସହିତ ଉଠା ବସା କରିବା ଲାଞ୍ଛିତ ଓ ଘୃଣ୍ୟ ବୋଲି ମନେକରାଯାଉଥିଲା । କୌଣସି ଅଭାବି ଦରିଦ୍ର ବ୍ୟକ୍ତି ପାଖରେ ଉଚ୍ଚ ଏବଂ ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତି ଯାଇ ବସିବା ଘୃଣ୍ୟ ବୋଲି ମନେକରାଯାଉଥିଲା । ସ୍ୱର୍ଗତ ଅବଦ୍ଦୁଲ୍ କାଦିର୍ ସାହେବ ବିଶ୍ୱବିଦ୍ୟାଳୟରୁ ସିନ୍ଧି ଭାଷା ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ କରିଥିଲେ । ସେହି କାଳରେ ସିନ୍ଧି ଭାଷାରେ ଶିକ୍ଷାନୁଷ୍ଠାନର ଘୋର ଅଭାବ ରହିଥିଲା । ତେଣୁ ଶିକ୍ଷା ପ୍ରାପ୍ତିର ଅଭିରୁଚି ଯୋଗୁଁ ହାଇଦ୍ରାବାଦ୍‌ର ଏକ କଲେଜରେ ଅଧ୍ୟାପକ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କଲେ । ତାଙ୍କର ଉତ୍ସାହ ଏବଂ ଅଭିରୁଚିକୁ ଦେଖି ସେଠାକାର ପ୍ରିନ୍ସିପାଲ ତାଙ୍କୁ ନୱାବ୍‌ଶାହରେ ଏକ ଶିକ୍ଷାନୁଷ୍ଠାନ ଖୋଲିବା ନିମନ୍ତେ କହିଲେ ଏବଂ ସେଠାରେ ସନ୍ଧ୍ୟା କାଳୀନ କ୍ଲାସ୍ ଆରମ୍ଭ କରିବା ପାଇଁ କହିଲେ । ସୁତରାଂ ସେହି କ୍ଲାସ୍ ଆରମ୍ଭ ହେଲା ଏବଂ ବେଶ୍ ଉନ୍ନତି ମଧ୍ୟ କଲା। ଏହାପରେ ସେହି ଶିକ୍ଷାନୁଷ୍ଠାନଟି ଏକ ମହାବିଦ୍ୟାଳୟର ରୂପ ନେଇନେଲା ଏବଂ ତାଙ୍କର ପରିଶ୍ରମ ବଳରେ ସିନ୍ଧର ବିଖ୍ୟାତ କଲେଜମାନଙ୍କ ମଧ୍ୟରେ ଉକ୍ତ ମହାବିଦ୍ୟାଳ୍ୟ ବା କଲେଜ ରୂପେ ପରିଗଣିତ ହେବାକୁ ଲାଗିଲା । ସେହିପରି ସିନ୍ଧର ସମସ୍ତ ବଡ଼ ବଡ଼ ରାଜନୈତିକ ନେତୃ ବୃନ୍ଦଙ୍କ ସହିତ ସୁସଂପର୍କ ରହିଥିଲା । ତେଣୁ ସ୍ୱର୍ଗତ ଅବଦ୍ଦୁଲ୍ କାଦିର୍ ଡାହିରି ସୋହେବ ସେହି ରାଜନୈତିକ୍ ନେତୃ ବୃନ୍ଦଙ୍କୁ କହିଲେ, ମୋର ସଂପର୍କ ଜମାଅତ୍ ଅହେମଦିୟ ସହିତ ରହିଛି ଏବଂ ଅବଦ୍ଦୁଲ୍ କାଦିର୍ ସାହେବ ନିଜର ସନ୍ତାନମାନଙ୍କୁ ମଧ୍ୟ କହିଲେ କି ତୁମେମାନେ ନିଜର ଅହେମଦିୟତ୍‌କୁ ଲୁଚାଇବ ନାହିଁ ଓ କେବେ ଭୟ କରିବ ନାହିଁ । ଆପଣ ସର୍ବଦା ଏହା କହୁଥିଲେ ଯେ, ଆମେମାନେ ତ' ଅହେମଦିୟତ୍‌ର ଆଭୂଷଣ ପରିଧାନ କରିଅଛୁ ଏହା ଏକ ବିଶିଷ୍ଟ ଏବଂ ଅନନ୍ୟ ନିଦର୍ଶନ ଅଟେ ।

ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଆଦେଶ କ୍ରମେ ଆପଣଙ୍କୁ ସିନ୍ଧି ଭାଷାରେ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ କରିବାକୁ ସାମର୍ଥ୍ୟ ମଧ୍ୟ ଲାଭ ହୋଇଥିଲା ଓ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ଆଦେଶ କ୍ରମେ ତଫ୍‌ସିର୍ ସଗିର୍‌ର ସିନ୍ଧି ଭାଷାରେ 2ଟି ଗ୍ରନ୍ଥଖଣ୍ଡ ବିଶିଷ୍ଟ ବ୍ୟଖ୍ୟା ଅନୁବାଦ କରିବାକୁ ମଧ୍ୟ ସାମର୍ଥ୍ୟ ଲାଭ ହୋଇଥିଲା । ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଦ୍ୱାରା ରଚିତ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ଏବଂ ବଛାବଛା ଆୟତ୍‌ର ଏକ ପମ୍ଫ୍ଲେଟ୍ ପ୍ରସ୍ତୁତ କରି ପ୍ରକାଶ କରିବା ବ୍ୟତୀତ ଚାରି ଜଣିଆ ସଦସ୍ୟ ବିଶିଷ୍ଟ C-295ର ମକଦ୍ଦମା ଦାଏର ହୋଇଥିଲା । ଯହିଁରେ ଆପଣଙ୍କ ନାମ ମଧ୍ୟ ସାମିଲ୍ ଥିଲା । ସିନ୍ଧି ଭାଷା ବ୍ୟତୀତ ଉର୍ଦ୍ଦୁ ଭାଷା ଉପରେ ଏତେ ଦଖଲ ରହିଥିଲା ଯେ, ସେ ଯେଉଁ ପୁସ୍ତକୁ ବି ସମ୍ବୋଧିତ କରି ଲେଖୁଥିଲେ ସେହି ଲେଖନୀ ପ୍ରଭାବଶାଳୀ ହୋଇଯାଉଥିଲା । ସ୍ୱର୍ଗତ ପ୍ରଫେସର ଅବଦ୍ଦୁଲ୍ କାଦିର୍ ଡାହିରି ସାହେବ ଫଜ୍‌ଲେ ଉମର୍ ଫାଉଣ୍ଡେସନ୍‌ର ମଧ୍ୟ ସଦସ୍ୟ ରହିଥିଲେ । ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡ଼ିର ଛାତ୍ରମାନେ ମଧ୍ୟ ଆପଣଙ୍କ ଠାରୁ ମାର୍ଗଦର୍ଶନ ନିମନ୍ତେ ଆସୁଥିଲେ । ଆପଣଙ୍କ ଯଶ ତଥା ଆପଣଙ୍କ ଖ୍ୟାତିର ପରିଧି ଓ ଲୋକମାନଙ୍କ ପର୍ଯ୍ୟନ୍ତ ଥିବା ପରିଧି ଅତ୍ୟନ୍ତ ବ୍ୟାପକ ଥିଲା । ସିନ୍ଧି ଭାଷାରେ ଏକ ପୁସ୍ତକ ମଧ୍ୟ ରଚନା କରିଥିଲେ ଯାହାକି ଶିକ୍ଷାବିତ ଓ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ ନିମନ୍ତେ ଅତ୍ୟନ୍ତ ଉପାଦେୟ ଓ ମହତ୍ୱପୂର୍ଣ୍ଣ ପୁସ୍ତକ ସାବ୍ୟସ୍ତ ହୋଇଥିଲା। ଏତଦ୍‌ଭିନ୍ନ ସିନ୍ଧ୍ ଅଞ୍ଚଳେ ଡାହିର୍ ସଂପ୍ରଦାୟ ସଂପର୍କରେ ମଧ୍ୟ ଶବ୍ଦକୋଷରେ ଉପଲବ୍ଧ ଥିବା ଉପହାସପୂର୍ଣ୍ଣ ଯେଉଁ ଭାଷା ବ୍ୟବହୃତ ହୋଇଥିଲା ତାହା ଆପଣ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀର ପ୍ରକାଶରେ ଅନେକ ଆଦେଶାବଳୀକୁ ପ୍ରମାଣ ଦ୍ୱାରା ସାବ୍ୟସ୍ତ କରିଥିଲେ ଏବଂ ଉକ୍ତ ଶବ୍ଦକୋଷରୁ ସେହି ଉପହାସପୂର୍ଣ୍ଣ ଶବ୍ଦଗୁଡ଼ିକୁ ଆପଣ ବିୟୋଗ (ହ୍ରାସ) କରାଇଥିଲେ । ଅଲ୍ଲାଃତାଲାଙ୍କ ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନ ସନ୍ତତିଙ୍କୁ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ଚତୁର୍ଥ ଯନାଜାଃ ହେଉଛି ଡକ୍ଟର ମୁହମ୍ମଦ ଶରୀଫ୍ ଖାନ୍ ସାହେବଙ୍କର । ସ୍ୱର୍ଗତ ପ୍ରଫେସର ଶରୀଫ୍ ସାହେବ ଆଜିକାଲି ଆମେରିକାରେ ରହୁଥିଲେ । 84 ବର୍ଷ ବୟସରେ ତାଙ୍କର ନିଧନ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତ ଶରୀଫ୍ ସାହେବ 1939 ମସିହାରେ ତାନ୍‌ଜାନିୟାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ପିତାଶ୍ରୀ ଡାକ୍ତର ହବିବୁଲ୍ଲାଃ ଖାନ୍ ସାହେବଙ୍କ ମାଧ୍ୟମରେ ଆସିଥିଲା । ହବିବୁଲ୍ଲାଃ ସାହେବ ତାନ୍‌ଜାନିୟାରେ ହିଁ ଅହେମଦିୟତ୍ ସ୍ୱୀକାର କିରଥିଲେ । ସ୍ୱର୍ଗତ ଶରୀଫ୍ ଖାନ୍ ସାହେବ ପ୍ରାରମ୍ଭିକ ଶିକ୍ଷା କାଦିଆନରୁ ହିଁ ପ୍ରାପ୍ତ କରିଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ 1954-55 ମସିହାର ଖୁତ୍‌ବାତ୍ ମାଧ୍ୟମରେ ଅଷ୍ଟମ ଶ୍ରେଣୀରୁ ହିଁ ସେ ନିଜର ଜୀବନକୁ ୱକ୍‌ଫ୍ (ଉତ୍ସର୍ଗୀକୃତ ଜୀବନ) କରି ଦେଇଥିଲେ । ପୁନଶ୍ଚ 1963 ମସିହାରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଜିୟଲୋଜିରେ ପି.ଏଚ୍.ଡ଼ି ଉପାଧି ଲାଭ କରିଥିଲେ । ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ଆଦେଶ କ୍ରମେ ଆପଣ 1963 ମସିହାରେ ସେବା କରିବା ନିମନ୍ତେ ତାଲିମୁଲ୍ ଇସ୍‌ଲାମ୍ କଲେଜ ସହିତ ସଂଶ୍ଳିଷ୍ଟ ହୋଇଥିଲେ ଏବଂ 1998 ମସିହାରୁ ନିଜର ଅବସର କାଳ ପର୍ଯ୍ୟନ୍ତ ଦୀର୍ଘ 35 ବର୍ଷ ପର୍ଯ୍ୟନ୍ତ ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ପୃଥିବୀ ବ୍ୟାପୀ (ଆନ୍ତର୍ଜାତିକ) ପତ୍ରିକା ମଧ୍ୟରେ ପ୍ରଫେସର ସାହାବଙ୍କ ପ୍ରାୟ 250ଟି ଗବେଷଣାତ୍ମକ ପତ୍ର ପତ୍ରିକା ପ୍ରକିଶିତ ହୋଇଅଛି । ଆପଣଙ୍କ ପ୍ରଥମ ଗବେଷଣାତ୍ମକ ନିବନ୍ଧ 1972 ମସିହାରେ ପ୍ରକାଶିତ ହେଲା। ସେହି ନିବନ୍ଧଟି ରେପ୍‌ଟାଇଲସ୍ (Reptiles) (ଝିଟିପିଟି) ବିଷୟବସ୍ତୁ ଉପରେ ଆଧାରିତ ଥିଲା । ସ୍ୱର୍ଗତ ଶରୀଫ୍ ସାହେବ ବହୁତ ଗବେଷଣା କରୁଥିଲେ ଏବଂ ସର୍ପ ଓ ଝିଟିପିଟି ଇତ୍ୟାଦି, ପୋକ ଜୋକ ଆଦିଙ୍କ ସଂକ୍ରାନ୍ତରେ ଓ ପ୍ରାକୃତିକ ପରିବେଶରେ ରହିଥିବା ଜୀବମାନଙ୍କ ଉପରେ ହିଁ ଆପଣ ଗବେଷଣା କରୁଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ମଧ୍ୟ ସ୍ୱର୍ଗତ ଶରୀଫ୍ ସାହେବଙ୍କ ଛାତ୍ର ଥିଲି । ସେ ଆମମାନଙ୍କର କ୍ଲାସ୍‌କୁ ବାହାରକୁ ଭ୍ରମଣ କରାଇବାକୁ ନେଇଯାଉଥିଲେ ଏବଂ ପୁନଶ୍ଚ ଯାଇ ସେହି ବସ୍ତୁ ଦେଖାଉଥିଲେ ଯେ, ପ୍ରକୃତ କ'ଣ କ'ଣ ବସ୍ତୁ ଓ ପଦାର୍ଥ ସୃଷ୍ଟି କରିଛି ଏବଂ ପ୍ରାକୃତିକ ପରିବେଶରେ କେଉଁ କେଉଁ ପ୍ରକାର କୀଟପତଙ୍ଗ ଏଠାରେ ଦେଖିବାକୁ ମିଳନ୍ତି ଓ କେଉଁ କେଉଁ ପ୍ରକାରର ପ୍ରଜାତି ଜୀବ ଏଠାରେ ଦେଖିବାକୁ ମିଳନ୍ତି ? 2002 ମସିହାରେ ତାଙ୍କୁ ପାକିସ୍ତାନରେ Zoologist Of The Year ପୁରସ୍କାର ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ଆମେରିକାର ମୁଜିବୁଲ୍ଲାଃ ଚୌଧୁରୀ ସାହେବ ଉଲ୍ଲେଖ କରନ୍ତି, 2008 ମସିହାରେ ମୁଁ ମସ୍‌ଜିଦ୍ ପାଇଁ ଚାନ୍ଦା ଏକତ୍ରିତ କରିବା ପ୍ରସଙ୍ଗରେ ଯେତେବେଳେ ସ୍ୱର୍ଗତ ଶରୀଫ୍ ସାହେବଙ୍କ ସହିତ କଥା ହେଲି ସେତେବେଳେ ଶରୀଫ୍ ସାହେବ କହିବାକୁ ଲାଗିଲେ, ଆମ ପାଖରେ ଦେବା ନିମନ୍ତେ କିଛି ନାହିଁ । କିନ୍ତୁ ସେ କହିଲେ ଆପଣ ଆମ ଘରକୁ ଚାଲି ଆସନ୍ତୁ । ସୁତରାଂ ମୁଁ (ମୁଜିବୁଲ୍ଲାଃ) ଶରୀଫ୍ ସାହେବଙ୍କ ଘରକୁ ଯେତେବେଳେ ଗଲି ସେତେବେଳେ ଶରୀଫ୍ ସାହେବଙ୍କ ପତ୍ନି ମଧ୍ୟ ଆସିଲେ ଏବଂ ଏକ ପୁଟୁଳୀ ବାହାର କରି ସାମ୍ନାରେ ରଖିଦେଲେ । ଅର୍ଥାତ୍ ସେହି ପୁଟୁଳୀରେ ଯେଉଁ ସ୍ୱର୍ଣ୍ଣ ରୌପ୍ୟ ଅଳଂକାର ରହିଥିଲା ଯାହାକି ଶ୍ରୀମତିଙ୍କୁ ଶ୍ୱଶୁର ଘର ତରଫରୁ ଏବଂ ନିଜର ମାତାପିତାଙ୍କ ଠାରୁ ଯାହିକିଛି ବି ମିଳିଥିଲା ତାହା ମୋ (ମୁଜିବୁଲ୍ଲାଃ) ସମ୍ମୁଖରେ ଉପସ୍ଥାପିତ କରିଦେଲେ ଏବଂ କହିଲେ ଏତିକ ଆମ ପାଖରେ ରହିଛି। ଆପଣ ଏହି ଅଳଂକାର ସବୁ ନେଇ ଯାଆନ୍ତୁ । ସ୍ୱର୍ଗତ ଶରୀଫ୍ ସାହେବ ଅତ୍ୟନ୍ତ ଶିଷ୍ଟ, ଭଦ୍ର, ନମ୍ର ଓ ବିନୀତ ସ୍ୱଭାବର ବ୍ୟକ୍ତି ଥିଲେ । ଛାତ୍ରମାନଙ୍କ ସହିତ ମୁକ୍ତ ଭାବରେ ମିଶିଯାଉଥିଲେ ଓ ସାଙ୍ଗ ପରି ସେମାନଙ୍କ ସହିତ ରହୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଶରୀଫ୍ ଅହେମଦ ସାହେବଙ୍କ ସଂପର୍କରେ କେତେକ କଥା ପରବର୍ତ୍ତୀ ସମୟରେ ହସ୍ତଗତ ହୋଇଛି । ତାଙ୍କର ଜ୍ୟେଷ୍ଠ ପୁତ୍ର ଜଫ୍‌ରୁଲ୍ଲାଃ ସାହେବ ଉଲ୍ଲେଖ କରନ୍ତି: "ଆମେରିକା ଓ କାନାଡ଼ାର କେତେକ ବୈଜ୍ଞାନିକମାନେ ସ୍ୱର୍ଗତ ଶରୀଫ୍ ସାହେବଙ୍କୁ ସାକ୍ଷାତ୍ କରିବା ପାଇଁ ରବ୍‌ୱା ଆସିଲେ ଏବଂ ସେହି

## ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢ଼ୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ବୈଜ୍ଞାନିକଙ୍କ କହିବା ମୁତାବକ ପାକିସ୍ତାନରେ ରେପ୍ଟାଲୋଜି (Reptology) ଅର୍ଥାତ୍ ଯେଉଁ ରେପ୍ଟାଇଲ୍ (ସରୀସୃପ) ପ୍ରଜାତିର ଜୀବମାନେ ରହିଛନ୍ତି ସେହି ଜୀବମାନଙ୍କ ଉପରେ ପାକିସ୍ତାନରେ ସ୍ୱର୍ଗତ ଶରୀଫ୍ ଅହେମଦ ସାହେବଙ୍କ ଠାରୁ ବଡ଼ ଅଭିଜ୍ଞ ବିଶେଷଜ୍ଞ ଅନ୍ୟ କେହି ନାହିଁ । ସ୍ୱର୍ଗତ ଶରୀଫ୍ ସାହେବ ବହୁତ ଅଭିଜ୍ଞ ବ୍ୟକ୍ତି ଥିଲେ ।"

ସ୍ୱର୍ଗତ ଶରୀଫ୍ ଅହେମଦ ସାହେବଙ୍କ ସୁପୁତ୍ର ରାଶିଦ୍ ଜୁବୈର୍ ସାହେବ କୁହନ୍ତି, ପିତାଶ୍ରୀ ଯୁବାବସ୍ଥାରୁ ହିଁ ତେହଜ୍ଜୁଦ ପ୍ରିୟ ଏବଂ ନମାଜ ଓ ରୋଜାର ନିୟମାନୁବର୍ତ୍ତୀ ଥିଲେ । ମସ୍‌ଜିଦେ କମରରେ ନମାଜ୍‌ର ଇମାମତ୍ (ନମାଜ ପଢାଉଥିଲେ) ମଧ୍ୟ କରାଉଥିଲେ । ବାଜମାଅତ୍ ନମାଜ୍ ବ୍ୟତୀତ ପବିତ୍ର କୁରଆନ୍ କରୀମ୍‌ର ତିଲାଓତ୍ ଓ ତଫ୍‌ସିର୍ ପାଠ କରିବାର ଅତ୍ୟନ୍ତ ସ୍ପୃହା ରହିଥିଲା । ପିତାଶ୍ରୀ ପବିତ୍ର କୁରଆନ୍ କରୀମ୍ ଓ ତଫ୍‌ସିରର ମଧ୍ୟ ଅଧ୍ୟୟନ କରୁଥିଲେ ।

ସ୍ୱର୍ଗତ ଶରୀଫ୍ ସାହେବଙ୍କ ପୌତ୍ର ମଶ୍‌ହୁଦ୍ ଅହେମଦ ଖାନ୍ ସାହେବ କୁହନ୍ତି: "ଆମ ଦଦା (ଜେଜେ ବାପା) ଯେକି ଆଧ୍ୟାତ୍ମିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏବଂ ଗଭୀର ବିଜ୍ଞାନର ଅବବୋଧର ଅଧିକାରୀ ମଧ୍ୟ ଥିଲେ । ସେ ଆମକୁ ଏହି ଶିକ୍ଷା ଦେଇଥିଲେ ଯେ, ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ପ୍ରମାଣ ସ୍ୱଭାବରେ ହିଁ ବିଦ୍ୟମାନ ରହିଛି । ଦଦା ନମାଜ୍ ଯଥା ସମୟରେ ପାଠ କରିବା ପାଇଁ ଏବଂ ପବିତ୍ର କୁରଆନ୍ କରୀମ୍‌ର ଅଧ୍ୟୟନ କରିବା ପ୍ରତି ଖୁବ୍ ଜୋର ଦେଉଥିଲେ । ଖିଲାଫତେ ଅହେମଦିୟାକୁ ବହୁତ ଭଲ ପାଉଥିଲେ । ସର୍ବଦା ଉପସ୍ଥିତ ଖଲିଫାଙ୍କୁ ପତ୍ର ଲେଖୁଥିଲେ ଓ ଖୁତ୍‌ବାତ୍ ଶୁଣିବା ପ୍ରତି ମଧ୍ୟ ନିଜର ଓ ନିଜ ପରିବାର ବର୍ଗଙ୍କ ଧ୍ୟାନ ଆକର୍ଷଣ କରୁଥିଲେ ଏବଂ ପରିବାର ବର୍ଗଙ୍କୁ ପ୍ରୋତ୍ସାହିତ ମଧ୍ୟ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।" ☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ........

ଉନ୍ନତି କରି ନିଅନ୍ତି ତାହାହେଲେ ଆମେ ତୁମକ (ମୁସଲମାନମାନଙ୍କୁ) ଏକଶତ ଓଟ ପ୍ରଦାନ କରିବୁ । ଯଦି ଏପରି ନହୁଏ ତେବେ ତୁମେ ଆମକୁ ଏକଶତ ଓଟ ଦେବ । ପ୍ରକାଶ୍ୟ ରୂପେ ଦେଖିବାକୁ କହିଲେ, ଉକ୍ତ ଭବିଷ୍ୟବାଣୀ ପୂର୍ଣ୍ଣ ହେବାର ସମ୍ଭାବନା ଦୂରରୁ ଦୂରତମ ହୋଇ ଚାଲିଥିଲା । ସିରୀୟା ପରାଜୟ ପରେ ରୋମୀୟ ସୈନ୍ୟବାହିନୀ ଅହରହ ଅନେକ ପରାଜୟ ବରଣ କରି ପଛଘୁଞ୍ଚା ଦେଲା । ଏପର୍ଯ୍ୟନ୍ତ କି ଇରାନୀୟ ସୈନ୍ୟବାହିନୀ ମାର୍ମୁରା (Marmara Sea) ସମୁଦ୍ରର ଉପକୂଳ ପର୍ଯ୍ୟନ୍ତ ପହଞ୍ଚିଗଲା । କୁସ୍ତୁନ୍‌ତୁନିୟା ନିଜର ଏସୀୟ ଶାସନ ଠାରୁ ସଂପୂର୍ଣ୍ଣ ରୂପେ ବିଛିନ୍ନ ହୋଇଗଲା ଏବଂ ରୋମ ଏକ ଶକ୍ତିଶାଳୀ ରାଷ୍ଟ୍ର ହୋଇ ରହିଗଲା । କିନ୍ତୁ ଈଶ୍ୱରଙ୍କ ବାଣୀ ପୂର୍ଣ୍ଣ ହେବାର ଥିଲା ଏବଂ ପୂର୍ଣ୍ଣ ମଧ୍ୟ ହେଲା ।"

ଅତ୍ୟନ୍ତ ନିରାଶାଜନକ ପରିସ୍ଥିତିରେ ରୋମ୍‌ର ସମ୍ରାଟ୍ ନିଜର ସିପାହୀମାନଙ୍କ ସମତେ ଶେଷ ଆକ୍ରମଣ କରିବା ନିମନ୍ତେ କୁସ୍ତୁନ୍‌ତୁନିୟାରୁ ପ୍ରସ୍ଥାନ କଲା ଏବଂ ଏସୀୟ ଉପକୂଳରେ ଯାଇ ଓହ୍ଲାଇ ଇରାନୀୟମାନଙ୍କ ସହିତ ଏକ ନିର୍ଣ୍ଣାୟକ ଯୁଦ୍ଧ ଲଢିଲା । ରୋମୀୟ ସିପାହୀମାନେ ସାଧନ ଏବଂ ସଂଖ୍ୟା ଦୃଷ୍ଟିରୁ ସ୍ୱଳ୍ପ ହେବା ସତ୍ତ୍ୱେ ପବିତ୍ର କୁରଆନ୍ କରୀମ୍‌ର ଭବିଷ୍ୟବାଣୀ ଅନୁଯାୟୀ ଇରାନୀୟ ସୈନ୍ୟ ଉପରେ ବିଜୟ ପ୍ରାପ୍ତ କଲେ । ଇରାନୀୟ ସୈନ୍ୟ ବାହିନୀ ଏପରି ପଳାୟନ କଲା ଯେପରିକି ସେହି ସୈନ୍ୟ ବାହିନୀ ଇରାନର ସୀମ ଠାରୁ ଅନତି ଦୂରରେ ତା'ର ପାଦ ଅନ୍ୟ କେଉଁଠି ବିଁ ଅଟକିଲା ନାହିଁ । ପୁନଶ୍ଚ ପୁନଃ ରୋମୀୟ ଶାସନ ଅଧୀନ ବା ଅକ୍ତିଆରକୁ ଆପଫ୍ରିକୀୟ ଓ ଏସୀୟ ବିଜିତ ଦେଶମାନେ ଚାଲି ଆସିଲେ ।

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-445)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସତ୍ୟବାଦୀ ହ. ଅବୁ ବକର ର.ଅ ଯେତେବେଳେ ଅବୁ ଜହଲ୍ ସହିତ ସର୍ତ୍ତ ଲଗାଇଲେ ଓ ପବିତ୍ର କୁରଆନ୍ କରୀମ୍‌ର ସେହି ଭବିଷ୍ୟବାଣୀକୁ ସର୍ତ୍ତର ଆଧାର ରୂପେ ରଖିଲେ ଅର୍ଥାତ୍ الٓمّٓ ۔ غُلِبَتِ الرُّوۡمُ ۔ فِیۡۤ اَدۡنَی الۡاَرۡضِ وَ هُمۡ مِّنۡۢ بَعۡدِ غَلَبِهِمۡ سَیَغۡلِبُوۡنَ ۔ فِیۡ بِضۡعِ سِنِیۡنَ (ଅର୍ ରୁମ୍: 2-5) ଏବଂ ତିନି ବର୍ଷ କାଳ ନିର୍ଦ୍ଧାରିତ କଲେ । ତେବେ ଆପଣ ସ.ଅ ଭବିଷ୍ୟବାଣୀର ସ୍ୱରୂପକୁ ଅବଲୋକନ କରି ତୁରନ୍ତ ଦୂରଦର୍ଶୀତାକୁ ବିନିଯୋଗ କଲେ ଏବଂ ସର୍ତ୍ତରେ କୌଣସି ପ୍ରକାର ପରିବର୍ତ୍ତନ କରିବା ନିମନ୍ତେ ହ. ଅବୁ ବକ୍କର ସିଦ୍ଦିକ୍ ର.ଅଙ୍କୁ ଆଦେଶ ଦେଲେ ଯେ, بِضۡعِ سِنِیۡنَର ଶବ୍ଦ ସଂକ୍ଷିପ୍ତ ଅଟେ ଏବଂ ପ୍ରାୟତଃ ଓ ଅଧିକାଂଶ ଭାବରେ ଏହା ୨ ବର୍ଷ ପର୍ଯ୍ୟନ୍ତ ଚରିତାର୍ଥ ହୁଏ ।"**(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ3-, ପୃ-310-311)**

ହ. ମସିହ୍ ମଉଦ୍ ଅ.ସ ଅତିରିକ୍ତ କୁହନ୍ତି: "ଆଁହଜରତ ସ.ଅଙ୍କ କାଳରେ ଇରାନୀୟ ଲୋକମାନେ ମୁସରିକ୍ ଥିଲେ ଏବଂ କୈସରେ ରୋମ୍ ଯେକି ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲା ଏବଂ ଏକେଶ୍ୱରବାଦୀ ଥିଲା ସେ ଯୀଶୁ ଖ୍ରୀଷ୍ଟଙ୍କୁ ଈଶ୍ୱର ବୋଲି ସ୍ୱୀକାର କରୁ ନଥିଲା । ଯେତେବେଳେ ତା' ସମ୍ମୁଖରେ ମସିହ୍‌ର ସେହି ଚର୍ଚ୍ଚା କରାଗଲା ଯାହାକି ପବିତ୍ର କୁରଆନ୍ କରୀମ୍‌ରେ ଉଲ୍ଲିଖିତ ତଥା ବର୍ଣ୍ଣିତ ହୋଇଛି । ସେତେବେଳେ ସେ କହିଲା, ପବିତ୍ର କୁରଆନ୍ କରୀମ୍ ଯାହା କିଛି ଯୀଶୁ ଅ.ସଙ୍କ ସଂକ୍ରାନ୍ତରେ ବର୍ଣ୍ଣନା କରିଛି ମୋ ନିକଟରେ ଏହାକୁ ବାଦ୍‌ଦେଲେ ଅନ୍ୟ କୌଣସି ସତ୍ୟ ଗ୍ରହଣୀୟ ନୁହେଁ । କାରଣ ମୁଁ ଯୀଶୁ ଅ.ସଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ମନେକରୁ ନାହିଁ । ହଦିସ୍‌ରେ ମଧ୍ୟ ଏ ସଂପର୍କରେ ସାକ୍ଷ୍ୟ ବିଦ୍ୟମାନ ରହିଛି ଯେ, ମୁଁ ସାକ୍ଷ୍ୟ ପ୍ରଦାନ କରୁଅଛି ଯେ, ଏହା ହେଉଛି ସେହି ବାଣୀ ଯାହାକି ତୌରାତ୍‌ରେ ରହିଛି ଓ ତା'ର (ହ. ଇସା ଅ.ସଙ୍କର) ଅବତାରତ୍ୱ ଠାରୁ ଅଧିକ ନୁହେଁ । ଫଳତଃ ଏହି ଆୟତ୍ ଅବତୀର୍ଣ୍ଣ ହେଲା ଯେ, الٓمّٓ ۔ غُلِبَتِ الرُّوۡمُ ۔ فِیۡۤ اَدۡنَی الۡاَرۡضِ وَ هُمۡ مِّنۡۢ بَعۡدِ غَلَبِهِمۡ سَیَغۡلِبُوۡنَ ۔ فِیۡ بِضۡعِ سِنِیۡنَ ۬ؕ لِلّٰهِ الۡاَمۡرُ مِنۡ قَبۡلُ وَ مِنۡۢ بَعۡدُ ؕ وَ یَوۡمَئِذٍ یَّفۡرَحُ الۡمُؤۡمِنُوۡنَ ۔ بِنَصۡرِ اللّٰهِ ؕ یَنۡصُرُ مَنۡ یَّشَآءُ ؕ وَ هُوَ الۡعَزِیۡزُ الرَّحِیۡمُ ۔ وَعۡدَ اللّٰهِ ؕ لَا یُخۡلِفُ اللّٰهُ وَعۡدَهٗ

**(ଅର୍ ରୁମ୍: 2-7)**

ଅଲିଫ୍ ଲାମ୍ ମିମ୍, ଅର୍ଥାତ୍ ମୁଁ ଅଲ୍ଲାଃ ସର୍ବଜ୍ଞ । ରୋମ୍‌ବାସୀମାନେ ପରାଜିତ ହୋଇଛନ୍ତି, ନିକଟବର୍ତ୍ତୀ ଅଞ୍ଚଳରେ ଏବଂ ସେମାନେ ପରାଜିତ ହେବା ପରେ ପୁନର୍ବାର ଜୟଲାଭ କରିବେ । କିଛି ବର୍ଷ ମଧ୍ୟରେ । ଅର୍ଥାତ୍ ୨ବର୍ଷ କାଳ ମଧ୍ୟରେ ପୁନଃ ଜୟଲାଭ କରିବେ । ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଅତ୍ୟନ୍ତ ଦୃଷ୍ଟତାପୂର୍ବକ କୁହନ୍ତି ଯେ, ଆଁହଜରତ ସ.ଅ ଉଭୟ ଶକ୍ତିର ଆକଳନ କରି ନେଇଥିଲେ ଏବଂ ପୁନଶ୍ଚ ଚାତୁର୍ଯ୍ୟ ନୈପୁଣ୍ୟତା ବ୍ୟବହାର କରି ଏହି ଭବିଷ୍ୟବାଣୀ କରିଦେଇ ଥିଲେ । ଅତଏବ ଆମେମାନେ ମଧ୍ୟ ଏପରିପ୍ରେକ୍ଷୀରେ କହୁ କି ଠିକ୍ ସେହିପରି ହ. ଇସା ଅ.ସ ମଧ୍ୟ ରୋଗୀମାନଙ୍କୁ ଦେଖି ଆକଳନ କରି ନେଉଥିଲେ ଏବଂ ଯେଉଁ ରୋଗୀମାନେ ସୁସ୍ଥ ହୋଇ ପାରିବେ ଲାଗୁଥିଲେ ସେହି ରୋଗୀମାନଙ୍କର ରୋଗକୁ ଦୂର କରିଦେଉଥିଲେ । ଅର୍ଥାତ୍ ସେମାନଙ୍କୁ ଭଲ କରି ଦେଉଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ହୁଜୁର ଅ.ସ ପୁନଶ୍ଚ ତୁଳନା କରୁଛନ୍ତି ଏବଂ ପୁନଶ୍ଚ ଆଁହଜରତ ସ.ଅ ବାସ୍ତବରେ ସେମାନଙ୍କ ଆପତ୍ତିର ଉତ୍ତର ପ୍ରଦାନ କରିଛନ୍ତି ।" ଏପରି କରିବା ଦ୍ୱାରା ହ. ଇସା ଅ.ସଙ୍କ ସମସ୍ତ ଚମତ୍କାର ତାଙ୍କ ହସ୍ତରୁ ଛିନ୍ନ ହୋଇଯିବ । وَ یَوۡمَئِذٍ یَّفۡرَحُ الۡمُؤۡمِنُوۡنَ । **(ମଲ୍‌ଫୁଜାତ୍, ଭାଗ-3, ପୃ-298 -299, ପ୍ରକାଶନ ବର୍ଷ-2022 ମର୍ସିହା)**

ହୁଜୁର ଅନ୍‌ୱର ଅ.ବ କହିଲେ, ଯଦି ଏହା ଆପତ୍ତି ଅଟେ ଯେ, ଆଁହଜରତ ସ.ଅ ଯୁଦ୍ଧକୁ ଦେଖି ନେଇଥିଲେ ତେବେ ବଦର୍ ଯୁଦ୍ଧରେ ଆପରି ପରିସ୍ଥିତି ନଥିଲା । ବଦର୍ ଯୁଦ୍ଧର ବିଜୟ ସଂପର୍କରେ ମଧ୍ୟ ଶୁଭ ସୂଚନା ସାଥିରେ ହିଁ ରହିଥିଲା । ତେଣୁ ଏହି ଦୁଇଟି ଶୁଭ ସୂଚନା ଏକତ୍ର ଭାବରେ ପ୍ରାପ୍ତ ହେଲା । ହ. ମସିହ୍ ମଉଦ୍ ଅ.ସ ଅତିରିକ୍ତ ଚର୍ଚ୍ଚା କରି କୁହନ୍ତି:"ପବିତ୍ର କୁରଆନ୍ କରୀମ୍‌ର ଅନେକ ଭବିଷ୍ୟବାଣୀ ଦ୍ୱାରା ପରିପୂର୍ଣ୍ଣ ଅଟେ । ଯେପରିକି ରୋମ୍ ଏବଂ ଇରାନୀୟ ଶାସନ ସମ୍ବନ୍ଧରେ ଏକ ବଳିଷ୍ଠ ଭବିଷ୍ୟବାଣୀ ପବିତ୍ର କୁରଆନ୍ କରୀମ୍‌ରେ ବିଦ୍ୟମାନ ରହିଛି । ଏହି ଭବିଷ୍ୟବାଣୀଟି ସେତେବେଳର ଅଟେ, ଯେତେବେଳେ ଅଗ୍ନିପୂଜକ ଶାସନ ଏକ ଯୁଦ୍ଧରେ ରୋମୀୟ ଶାସନ ଉପରେ ବିଜୟ ପ୍ରାପ୍ତ କରିଥିଲା । ତାଙ୍କ ଦେଶର କିଛି ଭୂମିକୁ ହାତେଇ ନେଇଥିଲା ଠିକ୍ ସେତିକିବେଳେ ମକ୍କାର ମୁସରିକିନ୍‌ମାନେ ପାରସ୍ୟବାସୀଙ୍କ ବିଜୟ ନିଜ ନିମନ୍ତେ ଏକ ଶକୁନ ବୋଲି ମନେ କରିଥିଲେ । ସେମାନେ ତହିଁରୁ ଏହା ମନେ କରିଥିଲେ ଯେ, ପାରସ୍ୟବାସୀ ମନୁଷ୍ୟ ଉପାସନାରେ ଆମ ସହିତ ସାମିଲ ଓ ସଂପୃକ୍ତ ଅଟେ । ଠିକ୍ ସେହିପରି ଆମେମାନେ ମଧ୍ୟ ସେହି ଅବତାରଙ୍କ ଅବସାନ ଘଟାଇଦେବୁ ଯାହାଙ୍କର ଧର୍ମବିଧାନ ଗ୍ରନ୍ଥଧାରୀମାନଙ୍କ ସହିତ ସମକକ୍ଷ ଅଟେ । ସେତେବେଳେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏହି ଭବିଷ୍ୟବାଣୀ ଅବତୀର୍ଣ୍ଣ କଲେ ଯେ, ପରିଶେଷରେ ରୋମୀୟ ଶାସନ ଜୟଯୁକ୍ତ ହେବ ଏବଂ ରୋମର ବିଜୟ ସମ୍ବନ୍ଧରେ ଏହା ଭବିଷ୍ୟବାଣୀ ଅଟେ । ତେଣୁ ଏହି ସୁରତ୍‌ର ନାମକରଣ ସୁରତୁର୍ ରୋମ୍ ଅନୁଯାୟୀ ନାମିତ ହୋଇଛି । ଅତଏବ୍ ଆରବର ମୁସରିକିନ୍‌ମାନେ ଅଗ୍ନିପୂଜକ ଶାସକଙ୍କର ବିଜୟକୁ ନିଜର ବିଜୟ ନିମନ୍ତେ ଏକ ନିଦର୍ଶନ ବୋଲି ମନେକରି ନେଇଥିଲେ । ତେଣୁ ଅଲ୍ଲାଃତାଲା

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ୍ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱ୍‌ୱଲହୁ** ପଢିନେଉ ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ଉକ୍ତ ଭବିଷ୍ୟବାଣୀରେ ଏହା ମଧ୍ୟ କହି ଦେଇଛନ୍ତି ଯେ, ଯେଉଁ ଦିନ ରୋମ୍‌ର ବିଜୟ ହେବ ସେଦିନ ମୁସଲମାନମାନେ ମଧ୍ୟ ମୁସରିକ୍‌ମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବେ । ସୁତରାଂ ଏହାପରି ହିଁ ଘଟିଲା ।" ଏଥି ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ର ଏହି ଆୟତ୍ ରହିଛି ଯେ, الٓمّٓ ۔ غُلِبَتِ الرُّوْمُ ۔ فِيْٓ اَدْنَى الْاَرْضِ وَهُمْ مِّنْۢ بَعْدِ غَلَبِهِمْ سَيَغْلِبُوْنَ ۔ فِيْ بِضْعِ سِنِيْنَ ۬ لِلّٰهِ الْاَمْرُ مِنْ قَبْلُ وَمِنْۢ بَعْدُ ۭ وَيَوْمَىِٕذٍ يَّفْرَحُ الْمُؤْمِنُوْنَ ۔ بِنَصْرِ اللّٰهِ ۭ يَنْصُرُ مَنْ يَّشَاۗءُ ۭ وَهُوَ الْعَزِيْزُ الرَّحِيْمُ ۔ وَعْدَ اللّٰهِ ۭ لَا يُخْلِفُ اللّٰهُ وَعْدَهٗ

**(ଅର୍ ରୁମ୍: 2-7)**

ଅଲିଫ୍ ଲାମ୍ ମିମ୍, ଅର୍ଥାତ୍ ମୁଁ ଅଲ୍ଲାଃ ସର୍ବଜ୍ଞ । ରୋମ୍‌ବାସୀମାନେ ପରାଜିତ ହୋଇଛନ୍ତି, ନିକଟବର୍ତ୍ତୀ ଅଞ୍ଚଳରେ ଏବଂ ସେମାନେ ପରାଜିତ ହେବା ପରେ ପୁନର୍ବାର ଜୟଲାଭ କରିବେ । କିଛି ବର୍ଷ ମଧ୍ୟରେ । ପୁନଶ୍ଚ ୨ବର୍ଷ କାଳ ପର୍ଯ୍ୟନ୍ତ 3 ବର୍ଷ ପରେ ସେମାନେ ଅଗ୍ନିପୂଜକ ଶାସଙ୍କ ଉପରେ ବିଜୟ ଲାଭ କରିବେ । ସେଦିନ ବିଶ୍ୱାସକାରୀମାନଙ୍କ ନିମନ୍ତେ ଏକ ଆନନ୍ଦ ଓ ଉଲ୍ଲାସର ଦିନ ହେବା । ସୁତାରଂ ଏହିପରି ହିଁ ହେଲା । ଅର୍ଥାତ୍ ଘଟିଲା ଏବଂ ତିନି ବର୍ଷ ପରେ ୨ ବର୍ଷ ମଧ୍ୟରେ ରୋମୀୟ ଶାସନ ଇରାନୀୟ ଶାସନ ଉପରେ ବିଜୟ ଲାଭ କେଲା ଏବଂ ସେହି ଦିନ ମୁସଲମାନମାନେ ମଧ୍ୟ ମୁସରିକମାନଙ୍କ ଉପରେ ବିଜୟ ପ୍ରାପ୍ତ କିରଥିଲେ । କାରଣ ସେହି ଦିନ ବଦର୍ ଯୁଦ୍ଧର ଦିନ ଥିଲା ଯହିଁରେ ଇସ୍‌ଲାମ୍ ଧର୍ମାବଲମ୍ବୀମାନଙ୍କୁ ବିଜୟ ପ୍ରାପ୍ତ ହୋଇଥିଲା ।

**(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-320)**

ହ. ମସିହ୍ ମଉଦ ଅ.ସ ପୁନଶ୍ଚ କୁହନ୍ତି: "ବର୍ତ୍ତମାନ ବିଚାର କର ଯେ, ଏହା କିପରି ଆଶ୍ଚର୍ଯ୍ୟକର ଏବଂ ଭବ୍ୟ ଭବିଷ୍ୟବାଣୀ ଅଟେ । ଏହି ଭବିଷ୍ୟବାଣୀ ଏପରି ସମୟରେ କରାଗଲା ଯେତେବେଳେ ମୁସଲମାନମାନେ ଦୁର୍ବଳ ଏବଂ ଶକ୍ତିହୀନ ଅବସ୍ଥାରେ ସ୍ୱୟଂ ବିପଦଗ୍ରସ୍ତ ଥିଲେ । କୌଣସି ସାଧନ ଥିଲା, କୌଣସି ଶକ୍ତି ଓ ସମାର୍ଥ୍ୟ ନଥିଲା ପାଖରେ । ଏପରି ଅବସ୍ଥାରେ ବିରୋଧୀମାନେ କହୁଥିଲେ ଯେ, ଏହି ଗୋଷ୍ଠୀଟି ଖୁବ୍‌ଶୀଘ୍ର ବିନଷ୍ଟ ହୋଇଯିବ । ସମୟକାଳ ମଧ୍ୟ ନିର୍ଦ୍ଧାରଣ କରିଦିଆଗଲା । ପୁନଶ୍ଚ يَوْمَىِٕذٍ يَّفْرَحُ الْمُؤْمِنُوْنَ କହି ପୁନରାୟ (ପୁଣିଥରେ) ଭବିଷ୍ୟବାଣୀ କରିଦେଲେ । ଅର୍ଥାତ୍ ଯେଉଁ ଦିନ ରୋମ୍‌ବାସୀ ପାରସ୍ୟ (ଇରାନ୍) ବାସୀଙ୍କ ଉପରେ ବିଜୟ ଲାଭ କରିବେ ସେହି ଦିନ ହିଁ ମୁସଲମାନମାନେ ମଧ୍ୟ ଜୟଯୁକ୍ତ ଓ ପ୍ରସନ୍ନ ହେବେ । ସୁତରାଂ ଯେଭଳି ଭାବରେ ଉକ୍ତ ଭବିଷ୍ୟବାଣୀ କରାଯାଇଥିଲା ସେହିଭଳି ବଦର୍ ଯୁଦ୍ଧରେ ଏହି ଭବିଷ୍ୟବାଣୀ ପୂର୍ଣ୍ଣ ହୋଇଗଲା । ଏପଟେ ରୋମୀୟମାନେ ଜୟଯୁକ୍ତ ହେଲେ ସେପଟେ ମୁସଲମାନମାନଙ୍କୁ ବିଜୟ ପ୍ରାପ୍ତ ହୋଇଇଥିଲା ।" **(ମଲଫୁଜାତ୍, ଭାଗ-2, ପୃ-387, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର ଅ.ବ କହିଲେ, ସେ ଯାହା ହେଉ ନା କାହିଁକି ଏହି ଜୀବନୀ ଓ ଯୁଦ୍ଧ ପରମ୍ପରାଟି ବର୍ତ୍ତମାନ ଅବ୍ୟାହତ ରହିବ । ଅର୍ଥାତ୍ ଏହି ଘଟଣାବଳୀଗୁଡ଼ିକ ଯାହା ଆଁହଜରତ ସ.ଅଙ୍କ ସଂପର୍କିତ ରହିଛି ତାହାର ବର୍ଣ୍ଣନା **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ବର୍ଣ୍ଣନା କରିବି । ବର୍ତ୍ତମାନ ନମାଜ୍ ଜୁମା ପରେ ମୁଁ ଏକ ନମାଜ ଯନାଜାଃ ଗାଏବ୍ (ଅନୁପସ୍ଥିତ ଅନ୍ତ୍ୟେଷ୍ଟି)ମଧ୍ୟ ପଢେଇବି । ସେହି ଯନାଜାଃଟି ହେଉଛି ୟୁ.କେର ସମ୍ମାନନୀୟ ସ୍ୱର୍ଗତ ଫରାସ୍ ଅଲୀ ଅବ୍‌ଦୁଲ୍ ୱାହିଦ୍ ସାହେବଙ୍କର । ସ୍ୱର୍ଗତ ଫରାସ୍ ଅଲୀ ସାହେବଙ୍କର ବିଗତ ଦିନ 47 ବର୍ଷ ବୟସରେ ଈଶ୍ୱରଙ୍କ ବିଧାନ ଅନୁଯାୟୀ ବିୟୋଗ ହୋଇଯାଇଛି । اِنَّا لِلّٰهِ وَاِنَّاۤ اِلَيْهِ رٰجِعُوْنَ । ଆପଣ ଇରାକ୍ ବଂଶୋଦ୍ଭବ ଥିଲେ ଏବଂ 2012 ମସିହାରେ ବୈଅତ୍ କରି ଜମାଅତ୍ ଅହେମଦିୟାରେ ସାମିଲ୍ ହୋଇଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନି ଏବଂ ଗୋଟିଏ କନ୍ୟା ସନ୍ତାନ ଅଛନ୍ତି । ସ୍ୱର୍ଗତ ଫରାସ୍ ଅଲୀ ସାହେବ ପବିତ୍ର କୁରାନ୍ କରୀମ୍ ସଂପୂର୍ଣ୍ଣ ମୁଖସ୍ତ କରିନେଇଥିଲେ ଏବଂ ବାଲ୍ୟ କାଳରେ ହିଁ ସେ ପବିତ୍ରେ କୁରଆନ୍ କରୀମ୍ ସଂପୂର୍ଣ୍ଣ ମୁଖସ୍ତ କରି ନେଇଥିଲେ । ବଡ଼ ହେବା ସଙ୍ଗେସଙ୍ଗେ ଆପଣ ହିଂସକ, ଉଗ୍ର ଏବଂ ଅତ୍ୟାଚୀର ମାର୍ଗ ଅବଲମ୍ବନ କରିନେଇଥିଲେ ଏବଂ ଜଣେ ହିଂସକ, ଉଗ୍ର ଓ ଅତ୍ୟାଚାରୀ ମୁସଲମାନ ହୋଇଯାଇଥିଲେ । ସେ ନିଜ ଘରର ଟି.ଭି ମଧ୍ୟ ବିକ୍ରି କରି ଦେଇଥିଲେ । କାରଣ ତାଙ୍କ ନିକଟରେ ଟି.ଭି ଦେଖିବା ଅବୈଧ ଅଟେ। ସେ ନିଜ ଘରର ସମସ୍ତ ଛବି ତଥା ଚିତ୍ରକୁ ଚିରି ଦେଇଥିଲେ । ସେ ଜଣେ ଭଲ କଳାକାର ମଧ୍ୟ ଥିଲେ । ଅର୍ଥାତ୍ ଯେତେବେଳେ ଆପଣ କୌଣସି ମୌଲବୀ ଅଧୀନ ରହି ଧର୍ମ ଶିକ୍ଷା ପ୍ରାପ୍ତ କଲେ ସେତେବେଳେ ଆପଣ ସଂପୂର୍ଣ୍ଣ ରୂପେ ଧର୍ମାନ୍ଧ ବ୍ୟକ୍ତି ପାଲଟି ଯାଇଥିଲେ । ସେ ପ୍ରତ୍ୟେକ ପ୍ରକାରର ଛବି ଆଙ୍କିବାରୁ ମଧ୍ୟ ନିବୃତ୍ତ ଓ କ୍ଷାନ୍ତ ହୋଇ ଯାଇଥିଲେ । ତହିଁରୁ ନିଜର ସଂପର୍କ ଛିନ୍ନ କରିନେଇଥିଲେ । ଚିତ୍ର ଆଙ୍କିବାକୁ ସେ ବିରକ୍ତି ଭାବ ପ୍ରକାଶ କରୁଥିଲେ । କିନ୍ତୁ ତାଙ୍କ ମନରେ ସନ୍ଦେହ ଭରି ରହିଥିଲା । ସେ କହୁଥିଲେ, ଜଣା ନାହିଁ ଯେ, ମୁଁ ଠିକ୍ କରୁଛି ଅବା ନୁହେଁ ଓ ମୁଁ ସତ୍‌ପଥରେ ଅଛି ଅବା ନୁହେଁ ? ଇସ୍‌ଲାମ୍ ଧର୍ମ ସତ୍ୟ ଅବା ନୁହେଁ ? ଜଣେ ଖ୍ରୀଷ୍ଟ ଧର୍ମାଲମ୍ବୀ ବନ୍ଧୁ ତାଙ୍କର ସହପାଠୀ ଥିଲା । କିଛି କାଳ ପରେ ସେ ସେହି ସହାପାଠୀ ବନ୍ଧୁ ଠାରୁ ପ୍ରଭାବିତ ହୋଇଗଲେ ଏବଂ ଇସ୍‌ଲାମ୍ ଧର୍ମ ସଂପର୍କରେ ତାଙ୍କ ମନରେ ଯେଉଁ ପ୍ରଶ୍ନ ରହିଥିଲା, ଯେଉଁ ସନ୍ଦେହ ରହିଥିଲା ସେହି ସବୁ ସନ୍ଦେହ ଓ ପ୍ରଶ୍ନର ଉତ୍ତର ନମିଳିବାରୁ ସେ ଖ୍ରୀଷ୍ଟିଆନ୍ ହୋଇଯାଇଥିଲେ । ପୁନଶ୍ଚ କିଛି କାଳ ପରେ ନବୀ କରୀମ୍ ସ.ଅଙ୍କ ପ୍ରେମର ଲହରୀ ମନରେ ତରଙ୍ଗାୟିତ ହେଲା । ତେବେ ସେ ପୁନର୍ବାର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ସେ ଯାହା ହେଉ ସ୍ୱର୍ଗତ ଫରାସ୍ ଅଲୀ ସାହେବ ଜଣେ ଉଦ୍ୟମୀ ତଥା ପରିଶ୍ରମୀ ବ୍ୟକ୍ତି ଥିଲେ ଏବଂ ଜଣେ ଭଲ ପାଠକ ଥିଲେ । ବସ୍ରା ବିଶ୍ୱବିଦ୍ୟାଳୟରୁ ସେ ଡିଗ୍ରୀ ପ୍ରାପ୍ତ କରିଥିଲେ । ସେଠାକାର କଲେଜ୍ ଅଫ୍ ବିଜନେସ୍ ଆଡ଼ମିନିଷ୍ଟ୍ରେଶନ୍ ଓ ଇକୋନୋମିକ୍ସ୍ (ଅର୍ଥନୀତି)ରେ ଶିକ୍ଷା ପ୍ରାପ୍ତ କରିଥିଲେ । ଭାଷା ଶିଖିବା ପ୍ରତି ତାଙ୍କର ପ୍ରବଳ ସ୍ପୃହା ଓ ଆଗ୍ରହ ରହିଥିଲା । ତେଣୁ ଏଥି ନିମନ୍ତେ ସେ ଭଲ ଇଂରାଜୀ ଭାଷା ମଧ୍ୟ ଶିଖିଲେ । ଫ୍ରେଞ୍ଚ୍ ଭାଷା ମଧ୍ୟ ଶିଖିଲେ, ସ୍ପାନିଶ୍ ଭାଷା ଶିଖିଲେ, ଜର୍ମାନ୍ ଭାଷା ଶିଖିଲେ ଏବଂ କିଛିଟା ରଷୀୟ ଭାଷା ମଧ୍ୟ ଜାଣିଥିଲେ । 2009 ମସିହାରେ ସେ  ନିଜର ପତ୍ନିଙ୍କ ସମେତ ଏଠାକୁ ଅର୍ଥାତ୍ ୟୁ.କେ ସ୍ଥାନାନ୍ତରିତ ହୋଇଗଲେ । ଏଠାରେ ଅଲ୍ଲାଃତାଲା ତାଙ୍କୁ ଏକ କନ୍ୟା ସନ୍ତାନ ମଧ୍ୟ ପ୍ରଦାନ କଲେ । ବ୍ରିଟେନ୍ ପହଞ୍ଚିବା ପରେ ଫରାସ୍ ସାହେବ ଦୈବାତ୍ ଏମ.ଟି.ଏ ଅଲ୍ ଆରବିୟା ଚ୍ୟାନେଲ୍ ଦେଖିଲେ ଏବଂ ସେହି ଚ୍ୟାନେଲ୍‌ରେ ତାଙ୍କୁ ତାଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ମିଳିବା ଆରମ୍ଭ ହୋଇଗଲା । ପରିଶେଷରେ ତାଙ୍କ ମନରେ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା ପ୍ରତି ଏତେ ମାତ୍ରାରେ ବସା ବାନ୍ଧି ନେଲା ଯେ, ସେ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ରଚିତ ଆଁହଜରତ ସ.ଅଙ୍କ ପାଇଁ ଲିଖିତ ପ୍ରଶଂସା ଗୀତି କବିତାକୁ ସେ ଗୁଣୁଗୁଣୁ ହୋଇ ଗାଉଥିଲେ । ସେହି ସମୟରେ ସେ ସ୍ୱପ୍ନରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କୁ ଦେଖିଲେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ବଡ଼ ଧବଳ ବର୍ଣ୍ଣର ମ୍‌ସଜିଦ୍‌ରେ ଉଦ୍‌ବୋଧନ ଦେଉଛନ୍ତି ଏବଂ ଆପଣଙ୍କ ପବିତ୍ର ମୁଖମଣ୍ଡଳରେ ଆଲୋକ ରଶ୍ମୀ ବାହାରୁ ଅଛି । ପୁନଶ୍ଚ ପରବର୍ତ୍ତୀ ସମୟରେ ଏକ ସୁନ୍ଦର ଯୁବକକୁ ଦେଖିଲେ ଯିଏ ଗଣମାଧ୍ୟମର ପ୍ରତିନିଧି ପରି ମାଇକ୍ରୋଫୋନ୍‌ରେ ହ. ମସିହ୍ ମଉଦ୍ ଅ.ସଙ୍କ ଅତ୍ୟନ୍ତ ସୁନ୍ଦର ନାମ ଦ୍ୱାରା ଚର୍ଚ୍ଚା କରି ଲୋକମାନଙ୍କୁ ଆପଣ ଅ.ସଙ୍କୁ ଅନୁକରଣ କରିବା ନିମନ୍ତେ ଅନୁପ୍ରାଣିତ କରୁଥିଲା । ପରିଶେଷରେ ସେ ଏହି କାରଣରୁ 2012 ମସିହାରେ ବୈଅତ୍ କରିନେଲେ । ଶିଫିଲ୍‌ଡ଼ (Shiffield) ର ଡାକ୍ତର ବିଲାଲ୍ ତାହିର୍ ସାହେବଙ୍କ ସହିତ ତାଙ୍କର ଯୋଗଯୋଗ ହେଲା । ତାଙ୍କ ମାଧ୍ୟମରେ ଫରାସତ୍ ଅଲୀ ସାହେବ ବୈଅତ୍ ନିମନ୍ତେ ଆବେଦନ ପ୍ରେରଣ କଲେ । ପୁନଶ୍ଚ ତାଙ୍କ ସହିତ ମିଶି ସଂପ୍ରଦାୟର ବିଭିନ୍ନ ପୁସ୍ତକ ଏବଂ ପ୍ରଶ୍ନୋତ୍ତରର ଅଧ୍ୟୟନ କଲେ ଏବଂ ଖୁବ୍ ଶୀଘ୍ର ଜମାଅତୀୟ ଚିନ୍ତାଧାରା ଏବଂ ଆସ୍ଥା ଓ ବିଶ୍ୱାସର  ତବ୍‌ଲିଗ୍ ଓ ଆପତ୍ତିର ଉତ୍ତର ଦେବା ଏବଂ ଜମାଅତ୍‌ର ପ୍ରଭାବଶାଳୀ ଶୈକ୍ଷିକ ଆତ୍ମରକ୍ଷା କରିବାକୁ ଲାଗିଲେ ।

ଅର୍ଦ୍ଦନରୁ ୟଜନ୍ ରବାବିୟା ସାହେବ ଉଲ୍ଲେଖ କରନ୍ତି ଯେ, ମୋ ଭାଇ ଫରାସ୍ ଅବ୍‌ଦୁଲ୍ ୱାହିଦ ସାହେବ ଜଣେ ଉତ୍ତମ ଓ ଆଦର୍ଶ ଅହେମଦି ଥିଲେ । ଜମାଅତୀୟ ପୁସ୍ତକର ଅଧ୍ୟୟନ କରୁଥିଲେ । ବିରୋଧୀମାନଙ୍କୁ, ଶତ୍ରୁମାନଙ୍କୁ ଏବଂ ବିଦ୍ରୋହୀମାନଙ୍କୁ ଆପଣ ଉତ୍ତର ଦେଉଥିଲେ । ବାସ୍ତବରେ ସେ ଇସଲାମ୍ ଓ ଅହେମଦିୟତ୍‌ର ଜଣେ ପ୍ରକୃତ ଆତ୍ମରକ୍ଷାକାରୀ ବ୍ୟକ୍ତି ଥିଲେ । ଫେସ୍‌ବୁକ୍‌ରେ ତାଙ୍କୁ ଅହେମଦି ଲୋକମାନେ ଫାରସେ ଅହେମଦିୟତ୍ ଅର୍ଥାତ୍ ଅହେମଦିୟତ୍‌ର ଦୁର୍ଦ୍ଦଶ ଅଶ୍ୱ ଯୋଦ୍ଧା ବୋଲି ଡାକୁଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାଙ୍କର ଚର୍ଚ୍ଚା କରୁ କରୁ ମୋର ଚକ୍ଷୁ ଲୋତକାପ୍ଲୁତ ହୋଇଯାଇଛି । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ତମିମ୍ ଅବୁଦ୍‌କା ସାହେବ ଉଲ୍ଲେଖ କରନ୍ତି ଯେ, ଫରାସ୍ ସାହେବ ଜଣେ ଅସାଧାରଣ ଗବେଷକ, ଆରବୀ ଓ ଇଂରାଜୀ ଭାଷାରେ ଅନୁବାଦ କରିବା ଏବଂ ଲେଖିବା ଇତ୍ୟାଦି ସର୍ବୋତ୍କୃଷ୍ଟ ସାମର୍ଥ୍ୟର ଅଧିକାରୀ ଥିଲେ । ଜମାଅତୀୟ ୱେବ୍ ସାଇଟ୍‌ମାନଙ୍କରେ  ଉତ୍ତର ପ୍ରଦାନକାରୀ ଦଳର ଜଣେ ସକ୍ରିୟ ଓ ସରଗମର ସଦସ୍ୟ ଥିଲେ । ତାଙ୍କର ଉତ୍ତର ସର୍ବଦା ସଂପୂର୍ଣ୍ଣ ଏବଂ ପ୍ରମାଣଭିତ୍ତିକ ହେଉଥିଲା। ନିଜ ଉତ୍ତରର ସମର୍ଥନରେ ସେ ଜମାଅତୀୟ ଏବଂ ଅଣ ଜମାଅତୀୟ ଆରବୀ ଓ ଇଂରାଜୀ ଭାଷା ମଧ୍ୟରୁ ପ୍ରାମାଣ୍ୟ ସଂଗ୍ରହ କରି ବର୍ଣ୍ଣନା କରୁଥିଲେ । କେତେକ ଆରବ୍ୟ ବିଦ୍ରୋହୀ ଏବଂ କପଟବିଶ୍ୱାସୀମାନେ ଯେତେବେଳେ ଉପଦ୍ରବ ଏବଂ ହିଂସା ସୃଷ୍ଟି କେଲେ ସେତେବେଳେ ସ୍ୱର୍ଗତ ଫରାସ୍ ସାହେବ ସେହି ଲୋକମାନଙ୍କ ଆପତ୍ତି ତଥା ପ୍ରଶ୍ନର ଉତ୍ତର ପ୍ରଦାନକାରୀ ଏବଂ ସେମାନଙ୍କର ମୁକାବିଲାକାରୀଙ୍କ ମଧ୍ୟରେ ଆଗ ଧାଡ଼ିର ସ୍ରଷ୍ଟା ଭାବରେ ସର୍ବାଗ୍ରେ ରହୁଥିଲେ । ନିଜର ପୂର୍ଣ୍ଣ ବିଶ୍ୱାସ ଏବଂ ପ୍ରେମ ଯୋଗୁଁ ଅତ୍ୟନ୍ତ ଅକ୍ଳାନ୍ତ ପରିଶ୍ରମର ସହିତ ଜମାଅତ୍ ଏବଂ ଖିଲାଫତ୍‌ର ସୁରକ୍ଷା ଏବଂ ଆତ୍ମରକ୍ଷା କରୁଥିଲେ ।

ଡାକ୍ତର ଐମନ୍ ଓହ୍‌ଦେ ସାହେବ କୁହନ୍ତି: "ଭ୍ରାତା ସ୍ୱର୍ଗତ ଫରାସ୍ ଅବ୍‌ଦୁଲ୍ ୱାହେଦ୍ ସାହେବଙ୍କୁ ତାଙ୍କର ବ୍ୟାପକ ଜ୍ଞାନ ଏବଂ ଅସାଧାରଣ ବୁଦ୍ଧି, ଚାତୁର୍ଯ୍ୟତା ତାଙ୍କର ରଚନାବଳୀ, ସର୍ଜନାତ୍ମକ ଲେଖନୀ ଦ୍ୱାରା ତାଙ୍କୁ ଚିହ୍ନିଥିଲେ । ଜମାଅତ୍‌ରେ ସାମିଲ ହେବାକୁ ତାଙ୍କୁ ବେଶୀ ଦିନ ଅତିବାହିତ ହୋଇ ନଥିଲା, ତଥାପି ସେ ଅତ୍ୟନ୍ତ ସ୍ୱଳ୍ପ କାଳ ମଧ୍ୟରେ ଜମାଅତୀୟ ବିଚାରଧାରା ସଂକ୍ରାନ୍ତରେ ଗଭୀର ଜ୍ଞାନ ପ୍ରାପ୍ତ କରି ନିଜର ସୁପ୍ରଭାବଶାଳୀ ବକ୍ତବ୍ୟ, ଉତ୍ତର ଦ୍ୱାରା ବିରୋଧୀମାନଙ୍କୁ ନିରୁତ୍ତର ଏବଂ ନୀରବ କରିଦେଉଥିଲେ । ସ୍ୱର୍ଗତଙ୍କୁ କିଛି ବର୍ଷ ପୂର୍ବେ ଆମର ଆରବୀୟ ୱେବ୍ ସାଇଟ୍‌ରେ ପ୍ରଶ୍ନର ଉତ୍ତର ଦେବା ନିମନ୍ତେ ଯେଉଁ ଦାୟିତ୍ୱ ଅର୍ପଣ କରାଯାଇଥିଲା ତାହାକୁ ଆପଣ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅତ୍ୟନ୍ତ କଠିନ ପରିଶ୍ରମ ଓ ତନ୍ମୟତାର ସହିତ ସମ୍ପାଦନ କରିଥିଲେ । ଆପଣ ନିଷ୍ଠା ଓ ପିରଶ୍ରମର ସହିତ କାର୍ଯ୍ୟ କରିଥିଲେ। ଆରବୀ ୱେବ୍ ସାଇଟ୍‌ରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ "**ବିସାତେ ଅହେମଦି**" ଉପରେ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 11 JULY 2024 Issue No. -28

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଆପଣଙ୍କର ଦୀର୍ଘ ୪୦୦ ଆର୍ଟିକିଲ (ଆଲେଖ୍ୟ) କିମ୍ବା ଆପତ୍ତିର ଉତ୍ତର ତାଙ୍କ ଗଭୀର ଜ୍ଞାନ, ଶୈକ୍ଷିକ ବ୍ୟକିତ୍ୱ ହେବାର, ଜମାଅତୀୟ ବିଚାରଧାର ଏବଂ ଆସ୍ଥା ଓ ବିଶ୍ୱାସର ପ୍ରଚାର ପ୍ରସାର ନିମନ୍ତେ ବିରୋଧୀମାନଙ୍କ ଆପତ୍ତିମୂଳକ ପ୍ରଶ୍ନର ଉତ୍ତର ଦେବାର ସ୍ପୃହା ସାକ୍ଷ୍ୟ ପ୍ରଦାନ କରୁଥିବ ।

ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ପତ୍ନୀ ଓ ତାଙ୍କର କନ୍ୟା ସନ୍ତାନର ସ୍ୱୟଂ ଭରଣ ପୋଷଣର ଦାୟିତ୍ୱ ବହନ କରନ୍ତୁ । ଅଲ୍ଲାଃତାଲା ତାଙ୍କର ପତ୍ନି ଏବଂ କନ୍ୟାକୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ସ୍ୱର୍ଗତ ଫରାସ୍ ସାହେବଙ୍କର ନିଜର ପିରବାର ନିମନ୍ତେ ଯେଉଁ ଶୁଭ କାମନା ରହିଥିଲା ତାହାକୁ ଅଲ୍ଲାଃତାଲା ସ୍ୱୀକାର କରନ୍ତୁ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ଦୁଆକୁ ସ୍ୱୀକାର କରନ୍ତୁ । ଅଲ୍ଲାଃତାଲା ଜମାଅତ୍‌କୁ ମଧ୍ୟ ତାଙ୍କ ପରି ଅତିରିକ୍ତ ଉତ୍ତମ ପ୍ରତିବଦଳ ପ୍ରଦାନ କରନ୍ତୁ । **ଆମିନ୍** । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ନମାଜ ପରେ **ଇନ୍‌ଶାଅଲ୍ଲାଃ** ଉପୋରୋକ୍ତରେ ବର୍ଣ୍ଣିତ ସମସ୍ତ ମୃତକମାନଙ୍କର ନମାଜ୍ ଯନାଜାଃ ପାଠ କରିବି ।

☆--☆--☆

## ଚମତ୍କାରିକ ଆରୋଗ୍ୟ ଲାଭର ବିଶ୍ୱାସବର୍ଦ୍ଧକ ଘଟଣା..

ହୁଜୁର ଅନ୍‌ୱର୍ ଅ.ବଙ୍କ ଦୁଆ ବଳରେ ଚମତ୍କାରିକ ଢଙ୍ଗରେ ଆରୋଗ୍ୟ ଲାଭ ପ୍ରାପ୍ତ କରିଥିବା ଜଣେ ବ୍ୟକ୍ତି ହେଉଛନ୍ତି ସମ୍ମାନନୀୟ ଅହେମଦ ଦୀନ୍ ଗୁଜୁରାଟୀ ସାହେବଙ୍କ ସୁପୁତ୍ର ବନ୍ଧୁ ସମ୍ମାନନୀୟ ମୁବାରକ ଅହେମଦ ସାହେବ । ସେ ମଧ୍ୟ ହୁଜୁର ଅନ୍‌ୱର୍ ଅ.ବଙ୍କ ସହିତ ହାତ ମିଳାଇବା ନିମନ୍ତେ ସୌଭାଗ୍ୟ ଅର୍ଜନ କଲେ ଏବଂ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ସେବାରେ ନିଜର ଚମତ୍କାରିକ ଆରୋଗ୍ୟ ଲାଭ ଘଟଣାର ଚର୍ଚ୍ଚା କଲେ । ମହୋଦୟଙ୍କ 1 ଜୁନ୍ 2011 ମସିହାରେ ପିତ୍ତାଶୟରେ ପଥର ହେବା ଯୋଗୁଁ ଅପରେସନ ହୋଇଥିଲା । ଅପରେସନ ସମୟରେ ଏକ ବଡ଼ କ୍ଷତାକ୍ତ ହେବା ଯୋଗୁଁ ସଂପୂର୍ଣ୍ଣ ଶରୀରରେ ଇନ୍‌ଫେକସନ ବ୍ୟାପୀ ଯାଇଥିଲା । ଦୀର୍ଘ 7 ସପ୍ତାହ ଧରି ପେଟ ଖୋଲା ରହିଲା । 14 ଜୁନ ପର୍ଯ୍ୟନ୍ତ କୃତ୍ରିମ ନିଶ୍ୱାସ (ଅକ୍ସିଜେନ୍) ମାଧ୍ୟମରେ ତାଙ୍କୁ ଜୀବିତ ରଖାଗଲା ଏବଂ ପରବର୍ତ୍ତୀ ସମୟରେ ସାତ ସପ୍ତାହ ଧରି ମହୋଦୟ କୋମାରେ ରହିଥିଲେ । ଡାକ୍ତରମାନେ ତାଙ୍କର ଜୀବନକୁ ନେଇ ନିରାଶ୍ ହୋଇଯାଇଥିଲେ ଏବଂ ସେମାନେ ପ୍ରିୟଜନ ପରିବାରବର୍ଗଙ୍କୁ କହିଦେଇଥିଲେ ଯେ, ତାଙ୍କ ବଞ୍ଚିବାର କୌଣସି ଆଶା ଆଉ ନାହିଁ । 15 ଜୁନ୍ 2011 ମସିହାରେ ହୁଜୁର ଅନ୍‌ୱର୍ ଅ.ବ ଜର୍ମାନୀର ଗସ୍ତ ସମୟରେ କିଛି ସମୟ ପାଇଁ ଯେତେବେଳେ କାସିଲ୍ ପ୍ରସ୍ଥାନ କଲେ ତେବେ ସେଠାକାର ସ୍ଥାନୀୟ ଅମୀର୍ ସଇଦ୍ ସାହେବ ଓ ମହୋଦୟ ମୁବାରକ୍ ଅହେମଦ ସାହେବଙ୍କ ପତ୍ନି ଶ୍ରମତୀ ଅସ୍‌ମତ୍ ଫିର୍ଦ୍ଦସ ସାହେବା ପୃଥକ ପୃଥକ ହୁଜୁର ଅନ୍‌ୱର୍ ଅ.ବଙ୍କ ସେବାରେ ମୁବାରକ ସାହେବଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ଚର୍ଚ୍ଚା କରି ଦୁଆ କଲେ ଏବଂ କହିଲେ, ଡାକ୍ତରମାନେ ନିରାଶା ପ୍ରକାଶ କରି ସାରିଲେଣି । ସୁତରାଂ ହୁଜୁର ଅନ୍‌ୱର୍ ଅ.ବ ତାଙ୍କ ଆରୋଗ୍ୟ ଲାଭ ନିମନ୍ତେ ପ୍ରାର୍ଥନା କଲେ ଏବଂ କହିଲେ, ଅଲ୍ଲାଃତାଲା କୃପାବତୀର୍ଣ୍ଣ କରନ୍ତୁ । ଏଠାରେ କିଛି କ୍ଷଣ ରହିବା ପରେ ହୁଜୁର ଅନ୍‌ୱର୍ ଅ.ବ ସନ୍ଧ୍ୟା ସମୟରେ କାସିଲ୍ ଫ୍ରାଙ୍କଫର୍ଟ ପାଇଁ ପ୍ରସ୍ଥାନ କଲେ । ତେବେ ସେହି ଦିନ ସନ୍ଧ୍ୟା ସମୟରେ ଡାକ୍ତରମାନେ କହିଲେ, ଶ୍ରୀମାନ୍ ମୁବାରକ ସାହେବଙ୍କ ଶରୀରରେ ଜୀବନର କିଛି ତରଙ୍ଗ ଦେଖିବାକୁ ମିଳିଛି । ଶରୀରରେ ଗତିବିଧି ଲକ୍ଷ୍ୟ କରାଯାଇଛି । ଆମ ନିକଟରେ ଏହି ଗତିବିଧି ଦେଖାଯିବା ଚମତ୍କାର ଅଟେ । ସୁତରାଂ ହୁଜୁର ଅନ୍‌ୱର୍ ଅ.ବ ଫ୍ରାଙ୍କଫର୍ଟରେ ଅବସ୍ଥାନ କାଳରେ ପ୍ରତ୍ୟେକ ଦିନ ମୁବାରକ ଅହେମଦ ସାହେବଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝୁଥିଲେ ଏବଂ ତାଙ୍କ ନିମନ୍ତେ ଦୁଆ ମଧ୍ୟ କରୁଥିଲେ । ଧୀରେ ଧୀରେ ମୁବାରକ ସାହେବଙ୍କ ଗତିପଥ ଜୀବନ ଆଡ଼କୁ ଫେରିବାକୁ ଲାଗିଲା ଏବଂ ସେ ସଂପୂର୍ଣ୍ଣ ରୂପେ ସୁସ୍ଥ ହୋଇଗଲେ । ଅର୍ଥାତ୍ ଜଣେ ମୃତ ବ୍ୟକ୍ତି ଜୀବିତ ହୋଇ ଉଠିଲା । ଡାକ୍ତରମାନେ ବାରମ୍ବାର ଏହି କଥାର ପରିପ୍ରକାଶ କରନ୍ତି ଯେ, ଏହା ଏକ ଚମତ୍କାର ଅଟେ ଏବଂ ପ୍ରାୟତଃ ମୃତ୍ୟୁ ମୁଖରୁ ମୁବାରକ ସାହେବ୍ ବାହାରି ଆସିଛନ୍ତି। ବିଗତ 20 ବର୍ଷ ପରେ କାସିଲ୍ ହସ୍ପିଟାଲରେ ଏପରି ଘଟଣା ଦେଖିବାକୁ ମିଳିଛି । ଅର୍ଥାତ୍ କିଛିଟା କୃତ୍ରିମ ଶ୍ୱାସ ଜରିଆରେ ମୁବାରକ୍ ସାହେବଙ୍କୁ ଜୀବିତ ରଖାଗଲା ଏବଂ ଏକ ମୃତ ବ୍ୟକ୍ତିର ଶରୀରରେ ଆତ୍ମା ଆତ୍ମ ସଞ୍ଚାର କରାଯାଇଥିଲା। ବର୍ତ୍ତମାନ ମୁବାରକ୍ ସାହେବ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃର ଜଇମ୍ ଭାବରେ ଦାୟିତ୍ୱ ତୁଲାଉଛନ୍ତି ।

6.40 ମିନିଟିରେ କାସିଲ୍‌ରୁ ବୈତୁସ୍ ସୁବୁହ୍ ଫ୍ରାଙ୍କଫର୍ଟ୍ ପାଇଁ ହୁଜୁର ପ୍ରସ୍ଥାନ କଲେ । କାସିଲ୍‌ରୁ ଫ୍ରାଙ୍କଫର୍ଟର ଦୂରତା 180 କି.ମି ଅଟେ । ପ୍ରାୟ ଦୁଇ ଘଣ୍ଟାର ଯାତ୍ରା ପରେ ହୁଜୁର ଅନ୍‌ୱର୍ ଅ.ବଙ୍କ କଲ୍ୟାଣକର ତଥା ଶୁଭଙ୍କର ପୁନରାଗମନ ହେଲା । ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମଧ୍ୟରୁ ବିପୁଳ ସଂଖ୍ୟକ ଲୋକମାନେ ନିଜର ପ୍ରିୟ ମୁନିବଙ୍କୁ ଉତ୍ସାହପୂର୍ବକ ସ୍ୱାଗତ କଲେ । ବାଳକ ବାଳିକମାନଙ୍କର ବିଭିନ୍ନ ଗ୍ରୁପ୍‌ସ୍ ଗୋଟିଏ ପ୍ରକାରର ବସ୍ତ୍ର ପରିଧାନ କରି ନିଜ ହସ୍ତରେ ଜର୍ମାନୀର ଜାତୀୟ ପତକା ଧରି ଉଡ଼ାଉଥିଲେ, ଦୁଆମୂଳକ କବିତା ଓ ସ୍ୱାଗତ ସମ୍ବର୍ଦ୍ଧନା ଗୀତ ଉପସ୍ଥାପିତ କରୁଥିଲେ । ସମସ୍ତେ ଏକ ସ୍ୱର ହୋଇ ଅହ୍‌ଲନ୍ ୱ ସହ୍‌ଲନ୍ ମର୍‌ହବା ୟା ଅମୀରୁଲ୍ ମୁମିନିନ୍‌ର ସ୍ୱରୋତ୍ତଳନ କରୁଥିଲେ । ମହିଳାମାନେ ହୁଜୁର ଅନ୍‌ୱର ଅ.ବଙ୍କୁ ଦର୍ଶନ କରି ନିଜକୁ ସୌଭାଗ୍ୟଶାଳୀ ବୋଲି ମନେକରୁଥିଲେ । ପୁରୁଷମାନେ ଶ୍ଳୋଗାନ୍ ଦେଉଥିଲେ । ପ୍ରତ୍ୟେକ ଅହେମଦିଙ୍କ ହସ୍ତ ଉପରକୁ ଉଠୁଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରିୟ ମୁନିବଙ୍କୁ ସୁସ୍ୱାଗତ ଜଣାଉଥିଲେ । ବୈତୁସ୍ ସୁବୁହ୍‌ର ଏହି ବାହ୍ୟ ଆବଷ୍ଟିତ କ୍ଷେତ୍ରଟି, ଦୁଆମୂଳକ କବିତା, ସ୍ୱାଗତ ବାଣୀ ଏବଂ ଶ୍ଳୋଗାନ୍ ଦ୍ୱାରା ଗୁଞ୍ଜରିତ ହୋଇ ଉଠୁଥିଲା ।

ସମ୍ମାନନୀୟ ମୁବାରକ ଅହେମଦ ସାହେବ, ତନ୍‌ୱୀର ମୁବଲ୍ଲିଗ୍ ସିଲ୍‌ସିଲା, ଜର୍ମାନୀର ନାଏବ୍ ଅମୀର ଓ ଫ୍ରାଙ୍କଫର୍ଟ୍‌ର ସ୍ଥାନୀୟ ଅମୀର୍ ସାହେବ ସମ୍ମାନନୀୟ ଇଦ୍ରିସ୍ ଅହେମଦ ସାହେବ ହୁଜୁର ଅନ୍‌ୱର୍ ଅ.ବଙ୍କୁ ସ୍ୱାଗତ ଜଣାଇ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ନିଜର ପ୍ରିୟ ମୁନିବଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଫ୍ରାଙ୍କଫର୍ଟ ସହରର ସ୍ଥାନୀୟ ଜମାଅତ୍ ତଥା ହଲ୍‌କା ବ୍ୟତୀତ ଗ୍ରସ୍ ଗେରାଉ, Friedberg, Morfeden, Kaben, Rodermark, Rodgau, Offenbach, Limburg, Dieburg, Dramstad, Russelsheim, Mainz, Wiesbaden, Flordstadt, Miltenbergର ଜମାଅତ୍‌ମାନଙ୍କରୁ ବିପୁଳ ସଂଖ୍ୟାରେ ଜମାଅତ୍‌ର ସଦସ୍ୟବୃନ୍ଦ ଏବଂ ପରିବାରବର୍ଗମାନେ ବୈତୁସ୍ ସୁବୁହ୍ ପହଞ୍ଚିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ ନିଜର ହସ୍ତ ଉପରକୁ ପ୍ରସାରିତ କରି ସମସ୍ତଙ୍କୁ **ଅସ୍ ସଲାମୁ ଅଲୈକୁମ୍ ୱ ରହମତୁଲ୍ଲାଃହି ୱବର୍‌କାତୁହୁ** ଅଭିବାଦନ କଲେ ଏବଂ ହୁଜୁର ଅ.ବ ଉଭୟ ପାର୍ଶ୍ୱରେ ଛିଡ଼ା ହୋଇଥିବା ଖିଲାଫତ୍ ପ୍ରେମୀଙ୍କ ମଧ୍ୟ ଦେଇ ଅତିକ୍ରମ କଲେ ଏବଂ ପରିଶେଷରେ ହୁଜୁର ଅନ୍‌ୱର୍ ଅ.ବ ନିଜର ରହଣୀ ସ୍ଥାନକୁ ପ୍ରସ୍ଥାନ କଲେ ।

☆--☆--☆

## ଦୁଆ ସଂକ୍ରାନ୍ତରେ କେତେକ ଜ୍ଞାତବ୍ୟ ତଥ୍ୟ

ସୃଷ୍ଟିକର୍ତ୍ତା ଚିର ଆରାଧ ଅଲ୍ଲାଃତାଲାଙ୍କୁ ମଣିଷ ଯୁଗେ ଯୁଗେ ସନ୍ତାନ ତୁଲ୍ୟ ଅଳି କରି ଆସିଛି, ପ୍ରଜା ତୁଲ୍ୟ ଗୁହାରି କରି ଆସିଛି ଓ ଭକ୍ତ ଭାବରେ ପ୍ରାର୍ଥନା କରି ଆସିଛି । ଏସବୁକୁ ଇସ୍‌ଲାମୀୟ ପଦ୍ଧତିରେ ''ଦୁଆ'' କୁହାଯାଏ । ବସ୍ତୁତଃ ଦୁଆ ଓ ଉପାସନା ଏକ ନୁହେଁ । ଏହା ଉପାସନାର ଅନ୍ତର୍ଭୁକ୍ତ ଏବଂ ବହିର୍ଭୁକ୍ତ ହୋଇପାରେ । ମଣିଷ ସର୍ବଦା ନିଜର ହିତ ସାଧନ ଉଦ୍ଦେଶ୍ୟରେ ଦୁଆ କରିଥାଏ । ପବିତ୍ର କୁରଆନ୍ କରୀମ୍‌ର ବିଭିନ୍ନ ସ୍ଥାନରେ ଅନେକ ଦୁଆ ଉଲ୍ଲିଖିତ ଅଛି । ଭିନ୍ନ ଭିନ୍ନ କାର୍ଯ୍ୟ ସକାଶେ ଭିନ୍ନ ଭିନ୍ନ ଦୁଆ କରାଯାଇଥାଏ । ଲକ୍ଷ୍ୟ କଲେ ଜଣାଯାଏ ଯେ, ପବିତ୍ର କୁରଆନ୍ କରୀମ୍‌ର ଆଦ୍ୟ ଅଧ୍ୟାୟଟି (ଅର୍ଥାତ୍ ସୁରାଃ ଫାତିହା) ଏକ ଦୁଆ ଅଟେ ।

ପବିତ୍ର କୁରଆନ୍ କରୀମ୍ ପାଠ କରିବା ବେଳେ ଯେକୌଣସି ଅଧ୍ୟାୟ ପଢିଲେ **ଆଉଜୁ ବିଲ୍ଲାହି ମିନସ୍ ସୈତାନ ନିର୍‌ରଜିମ୍** ଓ ତା' ପରେ **ବିସ୍‌ମିଲ୍ଲା ହିର୍ ରହମାନ୍ ନିର୍ ରହିମ୍** ପଢିବାକୁ ହେବ । ତତ୍ପରେ ଏହି ଆଦ୍ୟ ଅଧ୍ୟାୟ ସୁରାଃ ଫାତିହ ପଢିବାକୁ ହେବ । ଅବଶ୍ୟ ଗୋଟିଏ ଅଧ୍ୟାୟ ଶେଷ ହେବା ପରେ ଯେତେବେଳେ ଅନ୍ୟ ଅଧ୍ୟାୟ ଆରମ୍ଭ ହୁଏ ଯାହାର ଆଦ୍ୟ ଆୟତ୍ **ବିସ୍‌ମିଲ୍ଲାଃ ହିର୍ ରହମାନ୍ ନିରରହିମ୍** ତାହା ପଢିବାକୁ ହେବ । କିନ୍ତୁ ପୁନରାୟ **ଆଉଜୁ ବିଲ୍ଲାଃ** ପଢିବା ପ୍ରୟୋଜନ ନାହିଁ । କୌଣସି ଅଧ୍ୟାୟରେ ମଧ୍ୟଭାଗସ୍ଥ ଯେକୌଣସି ଅଂଶ ପଢିଲାବେଳେ **ଆଉଜୁ ବିଲ୍ଲାଃ** ପଢିବାକୁ ହେବ । ମାତ୍ର **ବିସମିଲ୍ଲାଃ** ପଢାଯିବ ନାହିଁ । କାରଣ ଏହା ଅଧ୍ୟାୟର ଆରମ୍ଭରେ ହିଁ ଆସିଥାଏ । ସୁତରାଂ **ବିସ୍‌ମିଲ୍ଲାଃ ହିର ରହମାନ୍ ନିର ରହିମ୍**‌କୁ ସୁରାଃ ଫାତିହାର ଏକ ଅଂଶବିଶେଷ ଭାବରେ ଗ୍ରହଣ କରାଯାଇଛି ଏବଂ ଏହା ଆଁହଜରତ ସ.ଅଙ୍କ ଅନୁସୃତ ପଦ୍ଧତି ଅଟେ । ☆--☆--☆

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan